୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

Vol.26 . No.218 Bhubaneswar Sunday October 06 2024 | ୨୬ତମ ବର୍ଷ ସଂଖ୍ୟା-୨୧୮ ଭୁବନେଶ୍ୱର, ରବିବାର, ଅକ୍ଟୋବର ୦୬, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ପାଣ୍ଡିଆନ-ବବିଙ୍କ ତୁଷ୍ଟୀକରଣରେ ମାତିଛନ୍ତି ଦେବୀ: ସମନ୍ୱୟ କମିଟି ବୈଠକ ଡାକୁନାହାନ୍ତି, ନେତାଙ୍କୁ ଉସକାଉଛନ୍ତି



ଭୁବନେଶ୍ୱର,୫।୧୦(ପି.ଏନ): ବିଜେଡିର ୨୪ବର୍ଷର ନିରଙ୍କୁଶ ଶାସନର ପତନ ହେଲା ତଥାପି ଦଳ ଚେତିବାର ନାଁ ଧରୁନି । ଦଳର ବିପର୍ଯ୍ୟୟ ପରେ କର୍ମୀ ଓ ନେତାମାନଙ୍କ ମଧ୍ୟରେ ବଢୁଥିବା ଆକ୍ରୋଶ ଓ ଅସନ୍ତୋଷକୁ ଏଡାଇବା ତଥା ସାଂଗଠନିକ କାର୍ଯ୍ୟ ବୁଝିବା ପାଇଁ ବିଜେଡି ଗତ ଅଗଷ୍ଟ ୫ରେ ଯେଉଁ ସମନ୍ୱୟ କମିଟି ଗଢ଼ିଥିଲା ତାହା ଏବେ ସମ୍ପୂର୍ଣ୍ଣ ପଙ୍ଗୁ ପାଲଟିଯାଇଛି । ନିଜର ରାଜନୀତିକ ଅସ୍ତିତ୍ୱ ବଂଚାଇବା ଓ ତୁଷ୍ଟୀକରଣ ନୀତି ଯୋଗୁ ବରିଷ୍ଠ ନେତା ଦେବୀ ମିଶ୍ର ଏହି କମିଟିକୁ ଉଦ୍ଦେଶ୍ୟମୂଳକ ଭାବେ ପଙ୍ଗୁ କରିଦେଇଥିବା ଚର୍ଚ୍ଚା ହେଉଛି । ବିଗତ ୨ମାସ ମଧ୍ୟରେ ଏହି କମିଟିର ବୈଠକ ମାତ୍ର ଥରେ(ଅଗଷ୍ଟ ୮ରେ) ବସିବା ସମ୍ଭବପର ହୋଇଛି । କେବଳ ସେତିକି ନୁହେଁ ଦଳର ଜିଲ୍ଲାସ୍ତରର ନେତାମାନଙ୍କୁ ଶଙ୍ଖଭବନକୁ ଡାକି ଯେଉଁ ସମୀକ୍ଷା ବୈଠକ କରାଯାଉଛି ସେଥିରେ କର୍ମୀ-ନେତାମାନେ ଯଦି ମୁହାଁମୁହିଁ ହେଉଛନ୍ତି ସେଠାରେ ଉପସ୍ଥିତ ଥିବା ଦେବୀ ସେମାନଙ୍କୁ ବୁଝାସୁଝା କରିବା ପରିବର୍ତ୍ତେ 'ଇଛା ହେଲେ ଦଳରେ ରୁହ ନଚେତ୍ ଛାଡି ପଳାଅ' ବୋଲି କହି ଅଧିକ ଉସକାଉଥିବା ଜଣାପଡିଛି । ନିର୍ବାଚନ ବିପର୍ଯ୍ୟୟ ପାଇଁ ଦଳର ବ୍ଲକଠୁ ରାଜ୍ୟସ୍ତର ପର୍ଯ୍ୟନ୍ତ ନେତାମାନେ ଭିକେ ପାଣ୍ଡିଆନ ଓ ତାଙ୍କ ଖାସ୍ ଅନୁଗତ ପ୍ରଣବପ୍ରକାଶ ଦାସ(ବବି)ଙ୍କୁ ଦାୟୀ କରୁଥିବାବେଳେ ଦେବୀ କିନ୍ତୁ ଏହି ଦୁଇଜଣଙ୍କୁ ସନ୍ତୁଷ୍ଟ କରିବା ପାଇଁ କୌଣସି ସୁଯୋଗ ହାତଛଡା କରୁନଥିବା ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ, ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ୫ମାସ ବିତିଯିବା ପରେ ମଧ୍ୟ ବିପର୍ଯ୍ୟୟର ସମୀକ୍ଷା ପାଇଁ କମିଟି ଗ?ିବାରେ ବିଫଳ ହୋଇଥିବା ବିଜେଡି ଏବେ ତୀବ୍ର ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ମଧ୍ୟ ଦେଇ ଗତି କରୁଛି । ଦଳକୁ ସଜାଡିବା ପାଇଁ ପ୍ରୟାସ ହେବା ପରିବର୍ତ୍ତେ ଦଳ ଏବେ ବିଭାଜନ ଆଡକୁ ମୁହାଁଇବାରେ ଲାଗିଛି । ବିଶେଷକରି ଦେବୀ ମିଶ୍ରଙ୍କ ଭଳି ବରିଷ୍ଠ ନେତାମାନଙ୍କୁ ନେଇ ଗଠିତ ୧୫ଜଣିଆ ସମନ୍ୱୟ କମିଟିକୁ ଜାଣିଶୁଣି ପଙ୍ଗୁ କରିଦିଆଯାଇଥିବାରୁ ଦଳର ନେତାମାନେ ନିଜର ମତ ରଖିବା ଓ ସଂଗଠନକୁ ଅଧିକ ସକ୍ରିୟ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେବାରେ ବିଫଳ ହେଉଛନ୍ତି । ଏପରିକି ସଦସ୍ୟ ଥିବା ନେତାମାନେ ସମନ୍ୱୟ କମିଟି ବୈଠକ ଡାକିବାକୁ ବାରମ୍ବାର ଅନୁରୋଧ କରଉଥିଲେ ମଧ୍ୟ ଦେବୀ କାହିଁକି ଏହି 'ସମନ୍ୱୟ କମିଟି'ର ବୈଠକ ଡାକୁନାହାନ୍ତି ଓ ସାଂଗଠନିକ ପ୍ରସଙ୍ଗରେ ଅନ୍ୟ ସଦସ୍ୟମାନଙ୍କ ସହ ବିଚାରବିମର୍ଶ କରୁନାହାନ୍ତି ତାକୁ ନେଇ ଏବେ ଦଳୀୟ ମହଲରେ ଚାଂଚଲ୍ୟକର ତଥ୍ୟ ପଦାକୁ ଆସିଛି । ଚର୍ଚ୍ଚା ହେଉଛି, ଦେବୀ ମିଶ୍ର ଏବେ ଅସ୍ଥାୟୀ ମୁଖିଆ ହୋଇ ବିଜେଡିକୁ ଭିକେ ପାଣ୍ଡିଆନ ଓ ତାଙ୍କ ଖାସ୍ ପ୍ରଣବପ୍ରକାଶ ଦାସ(ବବି)ଙ୍କ ହାତରେ ପୁଣିଥରେ ଟେକି ଦେବାକୁ ମସୁଧା କରୁଛନ୍ତି । ଦେବୀ ନିଜେ ପ୍ରାୟ ୨୩ହଜାରରୁ ଅଧିକ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବାରୁ ରାଜନୀତିକ ଅସ୍ତିତ୍ୱ ସଙ୍କଟ ମଧ୍ୟ ଦେଇ ଗତିକରୁଛନ୍ତି । ଆଉ ଦଳରେ ମିଳିଥିବା ଦାୟିତ୍ୱକୁ ତୁଲାଇବା ପାଇଁ ସେ ପାଣ୍ଡିଆନ-ବବିଙ୍କ ତୁଷ୍ଟୀକରଣରେ ଲିପ୍ତ ରହିବାକୁ ଏକରକମ ବାଧ୍ୟ ହେଉଥିବା ଜଣାପଡିଛି । ତେବେ ଦଳର ଅଧିକାଂଶ ବରିଷ୍ଠ ନେତା ପୁଣିଥରେ ପାଣ୍ଡିଆନ-ବବିଙ୍କ ହାକିମାତିକୁ ହଜମ କରିବା ମୁଡରେ ନଥିବାରୁ ଦେବୀ ଜାଣିଶୁଣି ଏହି ସମନ୍ୱୟ କମିଟି ବୈଠକ ଡାକୁନଥିବା ଚର୍ଚ୍ଚା ହେଉଛି ।

## ଚନ୍ଦକା ଶିଳ୍ପାଞ୍ଚଳରେ କ୍ଲୋରିନ ଗ୍ୟାସ୍ ଲିକ, ରାସ୍ତା ବନ୍ଦ କଲା ପୁଲିସ୍



ଭୁବନେଶ୍ୱର,୫।୧୦(ପି.ଏନ):ରାଜଧାନୀ ଭୁବନେଶ୍ୱରରେ ଛନକା। ଅନ୍ୟତମ ବ୍ୟସ୍ତ ବହୁଳ ଚନ୍ଦକା ଶିଳ୍ପାଞ୍ଚଳରେ ଏକ କେମିକାଲ ଫ୍ୟାକ୍ଟ୍ରିରୁ ଗ୍ୟାସ୍ ଲିକ ହୋଇଛି। ଶିଭମ୍ କେମିକାଲ୍ସ ନାମକ ଫ୍ୟାକ୍ଟ୍ରିରେ ସୋଡିୟମ୍ ହାଇପୋକ୍ଲୋରାଇଟ୍ ଗ୍ୟାସ୍ ଲିକ୍ ହୋଇଛି। ଏହାକୁ ଆୟତ୍ତ କରିବାକୁ ଅଗ୍ନିଶମ ବାହିନୀର ୫ଟି ଟିମ୍ ଉଦ୍ୟମ କରୁଛନ୍ତି। ୨ଟି ସିଲିଣ୍ଡରକୁ ଜନବସତିରୁ ଦୂରକୁ ନେଇଯାଇଛନ୍ତି ଅଗ୍ନିଶମ କର୍ମଚାରୀ।

## ଏକଜିଟ ପୋଲ: ହରିୟାଣାରେ ଶେଷ ହେବ ବିଜେପି ଶାସନ, କଂଗ୍ରେସ ଫେରିବ



ଭୁବନେଶ୍ୱର,୫।୧୦(ପି.ଏନ): ହରିୟାଣା ବିଧାନସଭାର ୯୦ଟି ଆସନ ପାଇଁ ଭୋଟ ଶେଷ ହେବା ପରେ ସମସ୍ତଙ୍କ ଅପେକ୍ଷା ଅକ୍ଟୋବର ୮କୁ। କାରଣ ସେହିଦିନ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। କିନ୍ତୁ ଏହାପୂର୍ବରୁ ଆସିଛି ଏକଜିଟ ପୋଲ ରେଜଲ୍ଟ। ୨୦୧୪ ଓ ୨୦୧୯ରେ ହରିୟାଣାରେ କ୍ଷମତା ଦଖଲ କରିଥିବା ବିଜେପିକୁ ଏକଜିଟ ପୋଲ ଫଳାଫଳ ଝଟକା ଦେଇଛି। ହ୍ୟାଟ୍ରିକ ବିଜୟ ପାଇଁ ଲକ୍ଷ୍ୟ ରଖିଥିବା ବିଜେପିକୁ ହରିୟାଣାରେ ପରାଜୟର ସାମ୍ନା କରିବାକୁ ପଡିପାରେ।

## ଶିକ୍ଷକଙ୍କ ପାଇଁ ଖୁସି ଖବର; ସ୍ୱାମୀ-ସ୍ତ୍ରୀ ଗୋଟିଏ ଜିଲ୍ଲାରେ କରିପାରିବେ ଚାକିରି, କିନ୍ତୁ ରହିଛି ଏହି ସର୍ତ୍ତ..

ଭୁବନେଶ୍ୱର,୫।୧୦(ପି.ଏନ): ଏକଥରକେ ୬୬୦ ଜଣ ଶିକ୍ଷକଙ୍କୁ ବଦଳି କରାଯାଇଛି । ରାଜ୍ୟ ସରକାର ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଅଧିନରେ ରହିଥିବା ପ୍ରାଥମିକ ସ୍କୁଲର ୬୬୦ଜଣ ଶିକ୍ଷକଙ୍କୁ ବଦଳି କରାଯାଇଛି । ବଦଳି ପାଇଁ ସେମାନେ ଆବେଦନ କରିଥିବା ବେଳେ ଦଶହରା ଭେଟି ଦେଇଛନ୍ତି ରାଜ୍ୟ ସରକାର । ଏହି ଶିକ୍ଷକମାନେ ନିଜର ପତି କିମ୍ବା ପତ୍ନୀ କାର୍ଯ୍ୟରତ ଥିବା ଜିଲ୍ଲାକୁ ବଦଳି ପାଇଁ ଆବେଦନ କରିଥିଲେ । କିନ୍ତୁ ଏଥିପାଇଁ ଏକ ସର୍ତ୍ତ ରଖିଛନ୍ତି । ଏହି ଶିକ୍ଷକମାନେ ଯେଉଁ ଜିଲ୍ଲାକୁ ବଦଳି ହୋଇଛନ୍ତି ସେଠାରେ କାର୍ଯ୍ୟ ଯୋଗ ଦେବା ପରେ ସମ୍ପୃକ୍ତ ଜିଲ୍ଲାରେ ନିଜ କ୍ୟାଡରରେ ସବୁଠୁ କନିଷ୍ଠ ଭାବେ କାର୍ଯ୍ୟ କରିବେ ।ସେମାନେ ଅନ୍ୟ ଜିଲ୍ଲାକୁ ଯିବା ପରେ ନିଜର ବରିଷ୍ଠତା ହରାଇବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ମୋଟ ୬୬୦ ଜଣ ଶିକ୍ଷକଙ୍କୁ ବଦଳି କରାଯାଇଛି । କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକ(ସ୍କିମେଟିକ) ନିଜର ଚାକିରି କାଳ ମଧ୍ୟରେ ଥରେ 'ଦମ୍ପତି ଟ୍ରାନ୍ସଫର' ପାଇଁ ଯୋଗ୍ୟ ହେବେ । ଯଦି କୌଣସି କନିଷ୍ଠ ଶିକ୍ଷକ(ସ୍କିମେଟିକ)ଙ୍କ ବଦଳି ହୋଇଥିବ ତା'ହେଲେ ସେ ପ୍ରାଥମିକ ସ୍କୁଲର ଶିକ୍ଷକ ଭାବେ ଲେଭଲ-୫ କ୍ୟାଡରରେ ନିୟମିତ ଶିକ୍ଷକ ହେବାପରେ ସେହି ବଦଳି ସଂକ୍ରାନ୍ତ ତଥ୍ୟ ତାଙ୍କ ସର୍ଭିସ ବୁକରେ ଉଲ୍ଲେଖ ରହିବ । କିନ୍ତୁ ଏଥିପାଇଁ ଟିଏ ଡିଏ ମିଳିବ ନାହିଁ । କୌଣସି ପରିସ୍ଥିତିରେ ଦୀର୍ଘକାଳୀନ ଛୁଟି ନେଇପାରିବେ ନାହିଁ ।

## ପିଜି ଆଡମିସନ୍ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା




ଭୁବନେଶ୍ୱର,୫।୧୦(ପି.ଏନ): ପିଜି ଆଡମିସନ୍ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା। ଗେଟରେ ତାଲା ପକାଇ ଧାରଣା ଦେଲେ ଛାତ୍ରଛାତ୍ରୀ। ଓ୍ୱେଟିଂ ଲିଷ୍ଟର ତଳ ପିଲାଙ୍କୁ ଆଡମିସନ୍ କରିବାକୁ ସୁଯୋଗ ଦିଆଯାଇଥିବା ଅଭିଯୋଗ। ମେରିଟ୍ ଲିଷ୍ଟ ଆଗରେ ଥିବା ଛାତ୍ରଙ୍କୁ ମିଳିଲାନି ଆଡମିସନ୍। ରାଜନୈତିକ ଚାପରେ ମେରିଟ୍ ଲିଷ୍ଟ ତଳେ ଥିବା ଛାତ୍ରଙ୍କୁ ଆଡମିସନ୍ ଦିଆଯାଇଥିବା ଅଭିଯୋଗ। ଛାତ୍ର ବିଜୟ କୁମାର ସାହୁଙ୍କ ଡକୁମେଣ୍ଟ ନେଇ ବି ଆଡମିସନ୍ କଲେନାହିଁ କର୍ତ୍ତୃପକ୍ଷ। ପିଜି କାଉନସିଲ୍ ହଲରେ ଫସି ରହିଛନ୍ତି ଛାତ୍ରଛାତ୍ରୀ। ସନ୍ଧ୍ୟା ୬ଟା ସୁଦ୍ଧା ଆଡମିସନ୍ ନହେଲେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି ଛାତ୍ରଛାତ୍ରୀ।

## ଓଡ଼ିଆ ସମ୍ବାଦପତ୍ର ନ ବଞ୍ଚିଲେ ଓଡ଼ିଆ ଅସ୍ମିତାର ରକ୍ଷା ହୋଇପାରିବନାହିଁ: ସୌମ୍ୟରଞ୍ଜନ

ଭୁବନେଶ୍ୱର,୫।୧୦(ପି.ଏନ): ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତା କଥା ଉଠାଇ ଆମେ ଏହାକୁ ଏପରି ଲୋକପ୍ରିୟ କରିଦେଇଛୁ ଯେ ସମସ୍ତେ ଅସ୍ମିତାର ଅର୍ଥ ନଜାଣିଲେ ବି ତାହାର କାମ କଣ ତାହା ବୁଝି ପାରିଛନ୍ତି । କିନ୍ତୁ ଓଡ଼ିଆ ସମ୍ବାଦପତ୍ରଟିଏ ନ ବଞ୍ଚିଲେ ଓଡ଼ିଆ ଅସ୍ମିତାର ରକ୍ଷା ହୋଇପାରିବ ନାହିଁ ବୋଲି ସମ୍ବାଦ ଗ୍ରୁପର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ । ସମ୍ବାଦର ବାର୍ଷିକ ଉତ୍ସବ ତଥା 'ପୁନଶ୍ଚ ପୃଥିବୀ' ମହାସମ୍ମିଳନୀ ଅବସରରେ ସେ କହିଥିଲେ ଯେ ଗୋଟିଏ ବର୍ଷରେ ପରିବର୍ତ୍ତନର ହାୱା ବୋହିଯାଇଛି । କେବଳ ଆମର ପରିବର୍ତ୍ତନ ନୁହେଁ, ସମଗ୍ର ଓଡ଼ିଶାର ବି ପରିବର୍ତ୍ତନ ହେଲା- ଆମ ରାଜନୀତିରେ, ଆମ ଚିନ୍ତାଧାରାରେ, ଆମର ସବୁକିଛିରେ । କେହି ଭାବିନଥିଲେ ଯେ ଏପରି ପରିବର୍ତ୍ତନ ହେବ ବୋଲି । ଓଡ଼ିଶାରେ ଯେଉଁ ପରିବର୍ତ୍ତନ ହୋଇଛି, ସେପରି ପରିବର୍ତ୍ତନ ହେବ ବୋଲି ସେହି ପରିବର୍ତ୍ତନର ହିତାଧିକାରୀମାନେ ବି ଭାବିନଥିଲେ । ଯେଉଁମାନେ ୨୫ ବର୍ଷ ହେଲା ଶାସନ କରୁଥିଲେ ସେମାନେ କେବେ ଭାବିନଥିଲେ ଯେ ତାଙ୍କ ଜୀବନରେ ଏପରି ଦୁର୍ଭାଗ୍ୟ ଆସିବ ବୋଲି । ଗୋଟିଏ ବ୍ୟବସ୍ଥାରେ ଗଣମାଧ୍ୟମର ଭୂମିକା କଣ ହେବା କଥା ସେ ନେଇ ଏବେ ମଧ୍ୟ ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି, ଆମ (ଗଣମାଧ୍ୟମ) ଭୂମିକାକୁ ନେଇ କେହି ବିଶ୍ୱାସ କରିବା ଅବସ୍ଥାରେ ନାହାନ୍ତି । ଗତ ୪୦ ବର୍ଷର ଅଭିଜ୍ଞତାରୁ ମୁଁ ଯାହା ଶିଖିପାରିନଥିଲି, ଗତ ଗୋଟିଏ ବର୍ଷର ଅଭିଜ୍ଞତାରୁ ମୁଁ ଅନେକ କିଛି ଶିଖିପାରିଛି । ଯଦି ଏହି ଘଟଣା ଘଟିନଥାନ୍ତା ମୁଁ ଅନେକ କଥା ଜାଣିପାରିନଥାନ୍ତି । ୪୦ ବର୍ଷ ତଳେ ଯେତେବେଳେ ମୁଁ ସମସ୍ତଙ୍କ ପରାମର୍ଶକୁ ଅମାନ୍ୟକରି ସମ୍ବାଦପତ୍ର ଆରମ୍ଭ କରିଥିଲି ଭାବିନଥିଲି ଯେ ଏତେ ସଫଳତା ପାଇବି ବୋଲି । କିନ୍ତୁ ହୁଏତ ୪୦ ବର୍ଷର ସଫଳତାରେ ବୋଧେ ଆମ ମନରେ ଅହଂକାର ହୋଇଥିଲା କିମ୍ବା ଆଉ କିଛି ଶିଖିବାକୁ ଥିଲା, ତାହା ଗତବର୍ଷର ବିଭ୍ରାଟ ଆମକୁ ଶିଖାଇ ଦେଇଥିଲା । ବୋଧହୁଏ ଈଶ୍ୱର ଆମକୁ ଶିଖାଇବାକୁ ଚାହୁଁଥିଲେ ଯେ ଆମେ 'ଅଳ୍ପପଥ ଅତିକ୍ରମ କରିଛୁ ଓ ବହୁପଥ ବାକି ଅଛି' ।

## ୨୫ କିମି ବାଟ ଚାଲି ଚାଲି କେମିତି ଜଙ୍ଗଲ ଭିତରେ ୩୧ ନକ୍ସଲଙ୍କୁ ନିପାତ କଲେ ସୁରକ୍ଷାକର୍ମୀ





ଭୁବନେଶ୍ୱର,୫।୧୦(ପି.ଏନ): ଅବୁଝମାଡର ଘଞ୍ଚ ଓ ରହସ୍ୟମୟ ଜଙ୍ଗଲ। ଛିତଶଗଡର ବସ୍ତରବାସୀ ସବୁବେଳେ ଏହାକୁ ଅଜଣା ପାହାଡ ଭାବେ ଜାଣନ୍ତି। ଏଥିପାଇଁ ଏହି ଜଙ୍ଗଲ ଓ ପାହାଡିଆ ଅଞ୍ଚଳ ମାଓବାଦୀଙ୍କ ଗଡ ଭାବେ ପରିଚୟ ହାସଲ କରିଥିଲା। ଜଙ୍ଗଲ ରାସ୍ତା ଅତ୍ୟନ୍ତ ରହସ୍ୟମୟ ଓ ଭିତକୁ ଯିବା ଅତ୍ୟନ୍ତ ଅସମ୍ଭବ। ସେଥିପାଇଁ ସୁରକ୍ଷାକର୍ମୀଙ୍କ ବିନା ଭୟରେ ମାଓବାଦୀମାନେ ଏହି ସ୍ଥାନକୁ ନିଜର ଆଡ୍ଡା ବନାଇ ଦେଇଥିଲେ ।କିନ୍ତୁ ଶୁକ୍ରବାର ଛତିଶଗଡର ଏହି ଉପାନ୍ତ ବା ବିଚ୍ଛିନ୍ନାଅଞ୍ଚଳରେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ ସଫଳତା। ଦେଶରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନକୁ ବଳ ମିଳିଛି। ଉକ୍ତ ଅଞ୍ଚଳରେ ଥିବା ମାଓବାଦୀଙ୍କୁ ଲାଗିଛି ଝଟକା ।ବିରାଟ ଅପରେସନ ମାଧ୍ୟମରେ ସୁରକ୍ଷାକର୍ମୀ ୩୧ ଜଣ ମାଓବାଦୀଙ୍କୁ ସଫା କରିଛନ୍ତି। ଏମାନଙ୍କ ମଧ୍ୟରେ ମୋଷ୍ଟ ଓ୍ୱାଣ୍ଟେଡ କମାଣ୍ଡର କମଳେଶ ଓରଫ ଆରକେ ଓ ସଂଗଠନର ମୁଖପାତ୍ର ନୀତି ଓରଫ ଉର୍ମିଳା ରହିଛନ୍ତି। ଉଭୟ ଦଣ୍ଡକାରଣ୍ୟ ସ୍ପ?ଶାଲ ଜୋନାଲ କମିଟିର ପ୍ରମୁଖ ଚେହେରା ଥିଲେ। କମଳେଶଙ୍କୁ ୫ ରାଜ୍ୟର ପୁଲିସ୍? ଖୋଜୁ ଥିବା ବେଳେ ଉର୍ମିଳା ସଂଗଠନର ବିଚାରଧାରାକୁ ପ୍ରଚାର କରିବାରେ ପ୍ରମୁଖ ଭୂମିକା ନେଇଥିଲେ ।କମଳେଶଙ୍କ ମୂଳ ଘର ଆନ୍ଧ୍ର ପ୍ରଦେଶର ବିଜୟୱାଡାରେ। ସେ ଜଣେ ଆଇଟିଆଇ ଶିକ୍ଷାର୍ଥୀ। ପ୍ରାଥମିକ ଭାବେ ସେ ଉତ୍ତର ବସ୍ତର, ନାଲଗୋଣ୍ଡା, ବିହାରର ମାନପୁର ଓ ଓଡିଶା ସୀମାନ୍ତରେ ସକ୍ରିୟ ଥିଲେ। ତାଙ୍କର ଦବଦବା ଛତିଶଗଡ, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ଓଡିଶା ଓ ମହାରାଷ୍ଟ୍ରରେ ରହିଥିଲା। ଉର୍ମିଳା ହେଉଛନ୍ତି ବିଜାପୁର ଗଙ୍ଗାଲୁରର ମୂଳବାସିନ୍ଦା। ସେ ସ୍ପେଶାଲ ଜୋନାଲ କମିଟିର ସଦସ୍ୟ।

## ନବୀନଙ୍କୁ ଟାର୍ଗେଟ କଲେ ଧର୍ମେନ୍ଦ୍ର, କହିଲେ 'ବିଜୟରେ ଉନ୍ମାଦିତ କି ପରାଜୟରେ ହତୋତ୍ସାହିତ ହୁଅ ନାହିଁ'



ଭୁବନେଶ୍ୱର,୫।୧୦(ପି.ଏନ): ବିଜେଡି ଏବଂ ବିଜେପି ମଧ୍ୟରେ ଦୋଷ ଆରୋପ ପ୍ରତ୍ୟାରୋପ ଲାଗି ରହିଛି । ତେବେ କିଛି ଦିନ ତଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦେଇଥିବା ମନ୍ତବ୍ୟର ଆଜି କଡା ଜବାବ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଜେପି ମିଛ କହୁଥିବା ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟର ଜବାବ ରଖିଛନ୍ତି ଧର୍ମେନ୍ଦ୍ର । ଆଜି ନବୀନଙ୍କ ମନ୍ତବ୍ୟକୁ ତେରଛା ସମାଲୋଚନା କରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ ।ସେ କହିଛନ୍ତି, "ଗଣତନ୍ତ୍ରରେ ଜୟ ପରାଜୟ ଲାଗି ରୁହେ। ବିଜୟରେ ବେଶୀ ଉନ୍ମାଦିତ କି ପରାଜୟରେ ହତୋତ୍ସାହିତ ହେବାର ଆବଶ୍ୟକତା ନାହିଁ । ଆମ ପାର୍ଟି ବହୁତ୍ ହାରିଛି । ଦେଶରେ ୨ଟି ଲୋକସଭା ଆସନରେ ଦଳ ଜିତିଥିଲା । ଓଡିଶାରେ ଆମକୁ କିଛି ବନ୍ଧୁ ସାଇନ୍ ବୋର୍ଡ ପାର୍ଟି କହୁଥିଲେ। ଯାହାକୁ ସେବା କରିବାର ସୁଯୋଗ ମିଳିଛି ସେ ଦାୟିତ୍ୱ ସହକାରେ ସେବା କରୁ । ଯାହାକୁ ବିରୋଧୀ ଦଳ ଭାବରେ ସୁଯୋଗ ମିଳିଛି ତାହାକୁ ସେ ସୁଚାର ରୂପେ ତୁଲାଉ। ବାକି ଲୋକ ବିଚାର କରିବେ ।" ପ୍ରକାଶଥାଉକି, ବିଜେଡି ଜନସମ୍ପର୍କ ପଦଯାତ୍ରା ସମୟରେ ବିଜେପି ମିଛ କହି କ୍ଷମତାକୁ ଆସିଛି ବୋଲି କହିଥିଲେ ।କଣ କହିଥିଲେ ନବୀନ- ନବୀନ କହିଥିଲେ, "ବିଜେପି ଜନସାଧାରଣଙ୍କୁ ମିଛ କହି କ୍ଷମତାକୁ ଆସିଛି । କୌଣସି ଦଳ ମିଛ କହି ନିର୍ବାଚନ ଜିତି ପାରନ୍ତି, କିନ୍ତୁ ଲୋକଙ୍କ ହୃଦୟ ଜିତି ପାରିବନି । ଆମେ ଲୋକଙ୍କ ହୃଦୟରେ ରହିଛି । ନିର୍ବାଚନରେ ବିଜେପି ଠାରୁ ବିଜେଡି ଅଧିକ ଭୋଟ ପାଇଛି । ମିଛ କହି ନିର୍ବାଚନ ଜିତି ପାରନ୍ତି, କିନ୍ତୁ ଲୋକଙ୍କ ହୃଦୟ ଜିତି ପାରିବେନି । "

## ପ୍ରସନ୍ନଙ୍କ କଟାକ୍ଷ; ରାଜ୍ୟରେ ଗୋଟିଏ ନୁହେଁ, ୪ଟି ସରକାର ଚାଲିଛି



ଭୁବନେଶ୍ୱର,୫।୧୦(ପି.ଏନ): ରାଜ୍ୟ ବିଜେପି ସରକାରକୁ କଟାକ୍ଷ କରିଛନ୍ତି ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ। କର୍ମୀଙ୍କ ମନୋବଳ ବୃଦ୍ଧି କରିବା ପାଇଁ ପଦଯାତ୍ରା ବେଳେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଆଉ କର୍ମୀଙ୍କୁ ସମ୍ବୋଧନ ବେଳେ ସେ କହିଛନ୍ତି, ରାଜ୍ୟ ଗୋଟିଏ ସରକାର ନୁହେଁ, ୪ଟି ସରକାର ଚାଲିଛି। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଚାରି ଜଣଙ୍କ ସହିତ କଥା ହେଉଛନ୍ତି ବୋଲି ସେ କହିଛନ୍ତି।

## ନବୀନ ଯେଉଁ ନିଷ୍ପତ୍ତି ନେଇଥିଲେ, ମୋହନ ସରକାର ନିଜ ନାଁରେ କରି ବାହାବ ନେଉଛନ୍ତି : ବିଜେଡି

ଭୁବନେଶ୍ୱର,୫।୧୦(ପି.ଏନ): ରାଜ୍ୟ ସରକାର ଆଜି ଯେଉଁ କନିଷ୍ଠ ଯୋଜନାଭିତ୍ତିକ ଶିକ୍ଷକ ନିଯୁକ୍ତି ବିଜ୍ଞାପନ ଦେଇଛନ୍ତି ତାର ପୋଲ ଖୋଲିଛି ବିଜେଡି । ନବୀନ ଯେଉଁ ନିଷ୍ପତ୍ତି ନେଇଥିଲେ ତାକୁ ମୋହନ ସରକାର ନିଜ ନାଁରେ କରି ବାହାବା ନେବାକୁ ଉଦ୍ୟମ କରୁଛି ବୋଲି କହିଛି ବିଜେଡି । ୨୦୨୩ରେ ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପିଲା ଚୟନ ହେଲା ପରେ ବି ସେମାନେ ବିରୋଧ କଲେ । ହାଇକୋର୍ଟ ଗଲା ମାମଲା । ହାଇକୋର୍ଟ କହିଲେ ସେହି ନିଯୁକ୍ତି ବୈଧ । ବିରୋଧୀ ଆସନରେ ଥାଇ ନୂତନ ନିଯୁକ୍ତି ଦେବେ କହିଥିଲେ । ଏହା କଣ ନୂତନ ନିଯୁକ୍ତି ବୋଲି ପ୍ରଶ୍ନ କରିଛି ବିଜେଡି । ନବୀନଙ୍କ ନିଯୁକ୍ତିକୁ ନେଇ ବିଜ୍ଞାପନ ଦେଇ କେନ୍ଦ୍ରମନ୍ତ୍ରୀଙ୍କୁ ଡାକି ଡିଣ୍ଡିମ ପିଟୁଛନ୍ତି । ନୂତନ ନିଷ୍ପତ୍ତି କହି ଶ୍ରମିକ ମଜୁରୀ ବୃଦ୍ଧି କଲେ ବୋଲି କହିଲେ । ଏହା ଛଅ ମାସ ପୂର୍ବରୁ ହୋଇଥିଲା । ଆଜି ହାସ୍ୟାସ୍ପଦ ଭାବେ ନୂତନ ନିଯୁକ୍ତି କଥା କହୁଛନ୍ତି । ରାଜ୍ଯ ସରକାରଙ୍କ କିଛି ନୂଆ କରିବାକୁ ଇଛା ନାହିଁ । ନଭେମ୍ବରରୁ ସାରିଥିବା ନିଯୁକ୍ତିକୁ ବିରୋଧ କଲେ କାହିଁକି ? ଏକ ବର୍ଷ କାହିଁକି ଅପେକ୍ଷା କରାଇଲେ ? ବିଜେପି ଏପରି ଚଞ୍ଚକତା ନ କରୁ । ଲୋକଙ୍କ କଥା ଚିନ୍ତା କରନ୍ତୁ । ଗୋଟେ ପରେ ଗୋଟେ ମିଛ ଖସଡ଼ା କରୁଛି ବିଜେପି । ବିଜେପି ମାହାଙ୍ଗା ଘଟଣାକୁ ବିକି ମତିଭ୍ରମ କରୁଥିଲେ । ହେଲେ ସତ ଫୁଟି ବାହାରିଲା । ଆଜି ଖବରକାଗଜରେ ବିଜ୍ଞାପନ ବାହାରିଛି ଶିକ୍ଷକ ନିଯୁକ୍ତି ପାଇଁ । ନବୀନଙ୍କ ନିଷ୍ପତ୍ତିକୁ ସେମାନେ କାର୍ଯ୍ୟକାରୀ କରୁଛନ୍ତି । ଏଥିରୁ ନିବୃତ୍ତ ରୁହନ୍ତୁ ବୋଲି କହିଛି ବିଜେଡି । ମଲା ମିରିଗରେ ପାହାର ପକାଇ ବିଜେପି କହୁଛି ଶିକାର କରିଛି । ଯେଉଁ ଯୋଜନା ନବୀନ ପଟ୍ଟନାୟକ କରିଛନ୍ତି ତାକୁ ହାତେଇବାକୁ ଚେଷ୍ଟା କରିବା ଛଡା ବିଜେପିକୁ ଆଉ କିଛି ଜଣା ନାହିଁ ବୋଲି କହି ବର୍ଷିଛି ବିଜେଡି ।

## ଓଡିଶାକୁ ବଡ ବିପଦ ! ଆସିବ ୧୯୭୧ ଭଳି ବାତ୍ୟା

ଭୁବନେଶ୍ୱର,୫।୧୦(ପି.ଏନ): ଆସିବାକୁ ଆଉ ଏକ ବିପଦ ଆସିବାକୁ ଯାଉଛି । ଯେଉଁ ପ୍ରକାରେ ଆକଳନ କରାଯାଇଛି ତାହା ଶୁଣିଲେ ହିଁ ଆଶ୍ଚର୍ଯ୍ୟ ଲାଗୁଛି । ଓଡିଶା ୧୯୭୧ ଭଳି ମହାବାତ୍ୟାର ସାମ୍ନା କରିବ ବୋଲି ଚର୍ଚ୍ଚା ହେଉଛି । ଲୁଣାପାଣି ମାଡି ଆସିବା ସହିତ ଶହଶହ ଚାଷଜମି କ୍ଷତିଗ୍ରସ୍ତ ହେବା ନେଇ ଜଣାପଡିଛି । ସଚେତନ ନରହିଲେ ହଜାର ହଜାର ଲୋକେ ମରିଯିବାର ମଧ୍ୟ ସମ୍ଭାବନା ରହିଛି ।୧୯୭୧ ମସିହାରେ ଓଡିଶା ଯେମିତି ବାତ୍ୟାର ସାମ୍ନା କରିଥିଲା ସେମିତି ହୋଇପାରେ । ସଚେତନ ନରହିଲେ ମରିଯିବେ ହଜାର ହଜାର ଲୋକ । ଓଡିଶା ବିକାଶର ମେରୁଦଣ୍ଡ ଭାଙ୍ଗିଗଲା ଭଳି ମନେ ହେଉଛି । ଏହା ଆମେ ନୁହେଁ ଆଜ୍ଞା । ଏମିତି କିଛି ପୂର୍ବାନୁମାନ କରିଛି ଜାତୀୟ ତଥା ଆନ୍ତର୍ଜାତୀୟ ପାଣିପାଗ ସଂସ୍ଥା । ୧୯୭୧ ମସିହା ବାତ୍ୟାରେ ପାଖା ପାଖି ୧୦ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା । ୫୦ ହଜାରରୁ ଅଧିକ ଗାଇ ଗୋରୁ ମୃତ୍ୟୁର ସାମ୍ନା କରିଥିଲେ । ପାଖା ପାଖି ୮ ଲକ୍ଷ ଘର ବାତ୍ୟାରେ କ୍ଷତି ହୋଇଥିଲା । ଯୋଗାଯୋଗ ଏବଂ ପାୱାର ସପ୍ଲାଏ ମାସ ମାସ ଧରି ବିଚ୍ଛିନ୍ନ ହୋଇଥିଲା । ଯଦି ଦେଖିବା ଏହି ବାତ୍ୟା ୧୯୯୯ ମସିହା ମହା ପ୍ରଳୟ ଠାରୁ କମ ବେଗରେ ହୋଇଥିଲା । କିନ୍ତୁ ଅଧିକ ପ୍ରଭାବିତ କରିଥିଲା ।ସୂଚନା ମୁତାବିକ ଜାତୀୟ ତଥା ଆନ୍ତର୍ଜାତୀୟ ପାଣିପାଗ ସଂସ୍ଥା ପକ୍ଷରୁ ଏକ ଗବେଷଣା କରାଯାଇଥିଲା।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେନ୍ସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ । ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ' । ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖାଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ



**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।



**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।



**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।



**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।



**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।



**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।



**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।



**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।



**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।



**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।



**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।



**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଟର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# କେରଳକୁ ଇସଲାମିକ ଷ୍ଟେଟ କରିବା ପାଇଁ ଷଡଯନ୍ତ୍ର

ଅଳ୍ପଦିନ ତଳେ ଏକ ଖବର ପ୍ରକାଶ ପାଇଥିଲା ଯେ, କେରଳର ମଲ୍ଲପୁରମର ବାସିନ୍ଦା ନଜୀବ ଆଇଏସ୍ଆଇଏସ୍ ଆତଙ୍କବାଦୀ ସଂଗଠନରେ ସାମିଲ ହୋଇ ଇସଲାମିକ ଷ୍ଟେଟ ପାଇଁ କାମ କରୁଥିଲା । ଆଫଗାନିସ୍ତାନରେ ତାକୁ ମାରି ଦିଆଯାଇଛି । ନଜୀବ ତାମିଲନାଡୁର ଭେଲୋରରେ ଇଂଜିନିୟରିଂ ପଢୁଥିଲା । ୨୦୧୭ରେ ଆଇଏସ୍ଆଇଏସ୍ ରେ ସାମିଲ ହୋଇ ଆଫଗାନିସ୍ତାନ ଚାଲି ଯାଇଥିଲା ।

ବିଶ୍ୱରେ ଇସଲାମର ଶାସନ ପ୍ରତିଷ୍ଠା ପାଇଁ ଆଇଏସ୍ଆଇଏସ୍ ଆତଙ୍କବାଦୀ ସଂଗଠନ ସାରା ବିଶ୍ୱର ମୁସଲମାନମାନଙ୍କୁ ନିବେଦନ କରିଥିଲା । ୨୦୧୬ ରୁ ୨୦୧୮ ମଧ୍ୟରେ କେରଳର ଅନେକ ମହିଳା ନିଜ ସ୍ୱାମୀଙ୍କ ସହ ସିରିଆ ଓ ଆଫଗାନିସ୍ତାନର ଖୁରାସାନକୁ ଚାଲିଯାଇଥିଲେ । ସେଠାରେ ସେ ଆତଙ୍କବାଦୀ ସଂଗଠନରେ ଯୋଗଦେଇ ଇସଲାମିକ ଷ୍ଟେଟ ପାଇଁ କାମ କରିଥିଲେ । ବିଭିନ୍ନ ଘଟଣାରେ ସେମାନଙ୍କର ସ୍ୱାମୀଙ୍କୁ ହତ୍ୟା କରାଯିବା ପରେ ସେମାନଙ୍କ ମଧ୍ୟରୁ ୪ଜଣ ମହିଳା ୨୦୧୯ ଡିସେମ୍ବରରେ ଆଫଗାନିସ୍ତାନର ପ୍ରଶାସନ ନିକଟରେ ଆତ୍ମସମର୍ପଣ କରି ଜେଲ ଯାଇଥିଲେ । ମାର୍ଚ୍ଚ ୨୦୨୦ରେ Stratnewsglobal.com ନାମକ ୱେବସାଇଟରେ ସେହି ମହିଳାଙ୍କ ସାକ୍ଷାତକାରର ଭିଡିଓ ସେୟାର କରାଯାଇଥିଲା । ସେହି ଭିଡିଓ ଆଧାରରେ ଯେଉଁ ୪ଜଣଙ୍କୁ ଚିହ୍ନଟ କରାଯାଇଥିଲା ସେମାନଙ୍କ ନାମ ହେଉଛି ଆୟଶା, ରଫିଲା, ମରିୟମ ଏବଂ ନିମିଶା ଓରଫ ଫାତିମା । ନ୍ୟାସନାଲ ଇନ୍‌ଭେଷ୍ଟିଗେସନ୍ ଏଜେନ୍ସି ଅଫ୍ ଇଣ୍ଡିଆ(ଏନଆଇଏ)୨୦୧୭ରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା । ଯେଉଁଥିରେ ୨୧ ଜଣ ମହିଳା ଓ ପୁରୁଷଙ୍କ ନାମ ଥିଲା । ସମସ୍ତେ କେରଳର ବାସିନ୍ଦା । ସେଥିରେ ସୋନିଆ ସେବିଷ୍ଟିୟନ ଓରଫ ଆୟଶାର ମଧ ନାମ ରହିଛି । ୨୦୧୬ରେ ଏମାନେ କେରଳରୁ ପଳାଇ ଯାଇ ଆଫଗାନିସ୍ତାନରେ ଆଇଏସ୍ଆଇଏସ୍ ରେ ଯୋଗ ଦେଇଥିଲେ । ଏନ୍ଆଇଏ ଏହାର ଚାର୍ଜସିଟରେ ଉଲ୍ଲେଖ କରିଛନ୍ତି ଯେ, ସୋନିଆ ଜଣେ ଇଂଜିନିୟର ସ୍ନାତକ । ସେ ତାଙ୍କ ସ୍ୱାମୀ ଅବଦୁଲ ରସିଦଙ୍କ ସହ ୩୧ ମେ ୨୦୧୬ରେ ମୁମ୍ବାଇ ବିମାନ ବନ୍ଦର ଛାଡିଛନ୍ତି । ଉଭୟ ସ୍ୱାମୀସ୍ତ୍ରୀ ଜୁଲାଇ ୨୦୧୫ରେ ପଦନ୍ନା ଏବଂ କାସରଗୋଡରେ ଇସଲାମିକ୍ ଷ୍ଟେଟ ପାଇଁ ଗୁପ୍ତ ପ୍ରଶିକ୍ଷଣର ଯୋଜନା କରିଥିଲେ । ଯେଉଁଥିରେ ଇସଲାମିକ ଷ୍ଟେଟ ଗଠନ ପାଇଁ ଜିହାଦର ତାଲିମ ଦିଆଯାଇଥିଲା ।

ତାଲିବାନର କ୍ରୁରତା ଓ କଟ୍ଟରତାବାଦର ବିଚାର ସାରା ବିଶ୍ୱପାଇଁ ବିପଦ ହୋଇ ଛିଡା ହୋଇଥିବା ବେଳେ କେରଳର କିଛି ଲୋକଙ୍କୁ ଏହା ପସନ୍ଦ ଲାଗୁଛି । ଏହି ବିଚାର ଆଗାମୀ ଦିନରେ ଦେଶପାଇଁ ବଡ ଚ୍ୟାଲେଂଜ ସୃଷ୍ଟି କରିବ ବୋଲି ୨୦୨୧ ମସିହା ଅକ୍ଟୋବର ପ୍ରଥମ ସପ୍ତାହରେ କେରଳର ଶାସନରେ ଥିବା ସିପିଏମ୍ ପାର୍ଟି ତରଫରୁ ଏକ ଖବରରେ ପ୍ରକାଶିତ ହୋଇଥିଲା । ଯେଉଁଥିରେ କୁହାଯାଇଥିଲା ଯେ ରାଜ୍ୟରେ ଥିବା ମୁସଲମାନମାନଙ୍କର ତାଲିବାନକୁ ସମର୍ଥନ କରିବାର ଭାବନା ଦିନକୁ ଦିନ ବୃଦ୍ଧି ପାଉଛି । ସିପିଏମ୍ ତାର ଆଭ୍ୟନ୍ତରୀଣ ରିପୋର୍ଟରେ କ୍ୟାଡର ମାନଙ୍କୁ ଆଲଟ ରହିବା ପାଇଁ କହିଛି । ଜମାତ-ଏ- ଇସଲାମିକ ସଂଗଠନ କେରଳରେ ତାର ତାଲିବାନୀ ଏଜେଣ୍ଡାକୁ ବଢାଇବାରେ ଲାଗିଛି । ଏଥିପାଇଁ ସେ ସାମାଜିକ ଗଣମାଧ୍ୟମ, ବୁକଲେଟ ଓ ବିଭିନ୍ନ ମାଗାଜିନକୁ ମାଧ୍ୟମ କରିଛି । ଅଣମୁସଲମାନଙ୍କ ମଧ୍ୟରେ ମଧ ଏହି ବିଚାରକୁ ପ୍ରସାର କରିବାରେ ଲାଗିଛି । ଖ୍ରୀଷ୍ଟିଆନ ଓ ମୁସଲମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟିକରି ଅସହାୟ ଖ୍ରୀଷ୍ଟିଆନମାନଙ୍କର ଫାଇଦା ହାସଲକରିବାକୁ ଜମାତ-ଏ-ଇସଲାମିକ ଚେଷ୍ଟା କରୁଛି । ଜମାତ-ଏ-ଇସଲାମିକ ଏହାକୁ ମନଗଢା କାହାଣୀ ବୋଲି କହିଛି । ସିପିଏମ୍‌ର ଏହି ଖବରକୁ ମିଥ୍ୟା ବୋଲି କୁହାଯାଇ ପାରିବ ନାହିଁ । ଏନ୍ଆଇକୁ ମଧ ଏ ବିଷୟରେ କିଛି ଖବର ମିଳିଛି । ଆଇଏସ୍ଆଇଏସ୍ ସହିତ କେରଳର ଅନେକ ସଂଗଠନ ସହିତ ସଂପର୍କ ରହିଛି ।

କେରଳରେ କଣ ତାଲିବାନକୁ ସମର୍ଥନ କରୁଥିବା ସଂଖ୍ୟା ବଢିବାରେ ଲାଗିଛି କି? କେରଳକୁ ଏକ ଇସଲାମିକ ଷ୍ଟେଟରେ ପରିଣତ କରିବା ପାଇଁ ଷଡଯନ୍ତ୍ର ଚାଲୁଛି କି? କେରଳରେ ତାଲିବାନ ବିଚାରକୁ ବଢେଇବା ପାଇଁ ମହିଳାମାନଙ୍କୁ ଟାର୍ଗେଟ କରାଯାଉଛି କି? ଏ ପ୍ରଶ୍ନ ଏଇଥିପାଇଁ ଉଠିଚି କି କେରଳରେ ଶାସନ କରୁଥିବା ଦଳ ବିସ୍ଫୋଟକ ପର୍ଦ୍ଦାଫାସ କରିଥିଲା । ଅନେକ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ଯେ କେରଳରେ ସିପିଏମ୍‌ର ଯେଉଁ ତଳସ୍ତରର କମିଟିଗୁଡିକ ଅଛି ସେଥିରେ ଥିବା ବ୍ୟକ୍ତିମାନଙ୍କ ମନରେ ମଧ ଏହି ବିଚାରଧାରା ଭରି ରହିଛି । ପ୍ରଥମେ ସେମାନଙ୍କ ବିରୋଧରେ ସିପିଏମ୍ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କେରଳ ମୁସଲମାନମାନଙ୍କର ଚାଲ , ଚରିତ୍ର ବିଷୟରେ ଯଦି କେରଳ ସରକାର ଅବଗତ ତେବେ କାହିଁକି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି ବୋଲି ଏବେ ପ୍ରଶ୍ନ ଉଠୁଛି । କେରଳ ରାଜ୍ୟ ସରକାର ଏହା ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା । କେରଳର ଏହିପରି ଅନେକ ଘଟଣାକୁ ନେଇ ମଧ ଏକ ଚଳଚିତ୍ର ତିଆରି ହୋଇଛି । ସେଥିରେ ମଧ କେରଳକୁ ଏକ ଇସଲାମିକ ଷ୍ଟେଟରେ ପରିଣତ କରିବା ପାଇଁ ଷଡଯନ୍ତ୍ର ଚାଲିଛି ବୋଲି ଉପସ୍ଥାପନା କରାଯାଇଛି ।

କାଶ୍ମୀର ପଣ୍ଡିତଙ୍କ ନରସଂହାର ଉପରେ ଆଧାରିତ ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ 'ଦି କାଶ୍ମୀର ଫାଇଲ୍ସ' ଚଳଚିତ୍ରକୁ ବିପୁଳ ସଫଳତା ମିଳିଛି । ଏହାପରେ ନିର୍ମାତା ଭିପୁଲ ଅମୃତଲାଲ ଶାହା ପୁଣି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ତିଆରି କରିଥିବା ଚଳଚିତ୍ରକୁ ବଡ ପରଦାକୁ ଆଣୁଛନ୍ତି । ଏହି ଚଳଚିତ୍ରର ନାମ ହେଉଛି 'କେରଳ କାହାଣୀ' (The Kerala Story) । କେରଳର ହଜାର ହଜାର ମହିଳାଙ୍କ ହୃଦୟ ବିଦାରକ ଘଟଣା ଏଥିରେ ବର୍ଣ୍ଣିତ ହୋଇଛି । ମାର୍ଚ୍ଚ ୨୨ ତାରିଖ ଦିନ ଏହି ଚଳଚିତ୍ରର ସମ୍ୟକ ଦୃଶ୍ୟ ମୁକ୍ତିଲାଭ କରିଛି । ୟୁଟ୍ୟୁବରେ ସେୟାର ହୋଇଥିବା ଏହି ଚଳଚିତ୍ରର ସମ୍ୟକ ଦୃଶ୍ୟର ଅବଧି ୧ ମିନିଟ ୧୦ ସେକେଣ୍ଡର । ଏଥିରେ ଦର୍ଶାଯାଇଛି ଯେ ଲଭଜିହାଦ, ଅପହରଣ ମାଧ୍ୟମରେ କେରଳରୁ ହଜାର ହଜାର ଝିଅମାନଙ୍କୁ ଆଇଏସ୍ଆଇଏସ୍ ବିଶ୍ୱର ଇସ୍ଲାମିକ ଯୁଦ୍ଧଗ୍ରସ୍ତ ଅଂଚଳକୁ ପଠାଉଛି । ସେଠାରେ ସେମାନଙ୍କ ଉପରେ ନିର୍ମମ ଅତ୍ୟାଚାର କରାଯିବା ସହିତ ଯୌନଦାସୀ କରି ରଖାଯାଉଛି । କାହାଣୀ ଆରମ୍ଭରେ ଏକ ପ୍ରଶ୍ନ ପଚରାଯାଇଛି । ଯଦି ଆପଣଙ୍କ ଝିଅ ମଧ୍ୟରାତ୍ରି ପର୍ଯ୍ୟନ୍ତ ଘରକୁ ନଫେରେ ତେବେ ଆପଣ କିପରି ଅନୁଭବ କରିବେ ? ଏହାପରେ କୁହାଯାଇଛି ୧୨ ବର୍ଷ ମଧ୍ୟରେ ହଜାର ହଜାର ଝିଅ କେରଳରୁ ନିଖୋଜ ହୋଇ ଯାଇଛନ୍ତି ଏବଂ ଏପର୍ଯ୍ୟନ୍ତ ନିଜ ଘରକୁ ଫେରି ନାହାଁନ୍ତି । ତାପରେ ୨୦୦୬ ରୁ ୨୦୧୧ ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଥିବା ଭି ଏସ୍ ଅଚୁତାନନ୍ଦ ଏଥିରେ କହିଛନ୍ତି 'କେରଳକୁ ଇସଲାମିକ ଷ୍ଟେଟ କରିବା ପାଇଁ ପପୁଲାର ଫ୍ରଟ ଅଫ୍ ଇଣ୍ଡିଆ (ଚରଓ) ପୁରା ଦମରେ ଲାଗି ଯାଇଛି । ନିଷିଦ୍ଧ ହୋଇଥିବା ସଂଗଠନ ଘଉର ପରି ଏହାର ଉଦ୍ଦେଶ୍ୟ ମଧ ସମାନ । ଆସନ୍ତା ୨୦ ବର୍ଷ ମଧ୍ୟରେ କେରଳକୁ ଇସ୍ଲାମିକ ଷ୍ଟେଟରେ ପରିଣତ କରିବା ସେମାନଙ୍କର ଉଦ୍ଦେଶ୍ୟ ।' ସମ୍ୟକ ଦୃଶ୍ୟରେ ଦେଖା ଯାଇଥିବା ଆକଳନ ଅନୁଯାୟୀ ୩୨,୦୦୦ରୁ ଅଧିକ ମହିଳାଙ୍କୁ କେରଳରୁ ଅପହରଣ କରାଯାଇ ଆତଙ୍କବାଦୀ ସଂଗଠନ ଆଇଏସ୍ଆଇଏସ୍‌କୁ ବିକ୍ରି କରାଯାଇଛି । ସୁଦୀପ୍ତ ସେନେ ହେଉଛନ୍ତି କେରଳ କାହାଣୀ ଚଳଚିତ୍ରର ଲେଖକ ଓ ନିର୍ଦ୍ଦେଶକ ।

ଚଳଚିତ୍ରର ନିର୍ଦ୍ଦେଶକ ସୁଦୀପ୍ତ ସେନ୍ କହିଛନ୍ତି ଯେ, ''ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେ ୨୦୦୯ ମସିହାରୁ କେରଳ ଏବଂ ମାଙ୍ଗାଲୋରରୁ ପ୍ରାୟ ୩୨,୦୦୦ ହିନ୍ଦୁ ଓ ଖ୍ରୀଷ୍ଟିଆନ ଝିଅମାନଙ୍କୁ ଧର୍ମାନ୍ତରିତ କରାଯାଇଛି । ସେମାନେ ଇସଲାମ ଧର୍ମ ଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସିରିଆ, ଆଫଗାନିସ୍ତାନ ଏବଂ ଅନ୍ୟାନ୍ୟ ଅଂଚଳରେ ଥିବା ଆଇଏସ୍ଆଇଏସ୍‌ମାନଙ୍କ ନିକଟକୁ ପଠାଇ ଦିଆଯାଇଛି ।''

ଚଳଚିତ୍ର ନିର୍ମାଣ କରିବା ପୂର୍ବରୁ ସୁଦୀପ୍ତ ଏହି ବିଷୟ ଉପରେ ଅନେକ ଗବେଷଣା କରିଥିଲେ । ଏହି ସମୟ ମଧ୍ୟରେସେ ଆହୁରି ମଧ ଜାଣିବାକୁ ପାଇଥିଲେ ଯେ, ଅପହରଣ କରାଯାଇଥିବା ଅଧିକାଂଶ ଝିଅ ଏବେ ଆଫଗାନିସ୍ତାନ ଏବଂ ସିରିଆର କାରାଗାରରେ ଅଟକ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଇଏସ୍ ଆଇଏସ୍ ଆତଙ୍କବାଦୀଙ୍କୁ ବିବାହ କରିଛନ୍ତି ଓ ଅନେକ ଯୌନ ଦାସୀ ସାଜିଛନ୍ତି ।

# —ମାଗଣା ବିଦ୍ୟୁତ—

ଦେଶରେ ଭୋଟଦାତାମାନଙ୍କୁ ପ୍ରଲୋଭିତ କରି କ୍ଷମତା ଦଖଲ କରିବା ପାଇଁ ନିର୍ବାଚନ ସମୟରେ ରାଜନୈତିକ ଦଳମାନଙ୍କର ମାଗଣା ସାମଗ୍ରୀ ବଂଟନ ପ୍ରତିଶ୍ରୁତି ଯୋଜନାକୁ ନେଇ ବିତର୍କ ଲାଗି ରହିଥିବାବେଳେ ଏବେ ବିଦ୍ୟୁତ ଶୁଳ୍କ ଛାଡ ଘୋଷଣା ବିଦ୍ୟୁତ କମ୍ପାନୀଗୁଡିକ ପାଇଁ ଭବିଷ୍ୟତରେ ଗୁରୁତର ଆର୍ଥିକ ସଂକଟର କାରଣ ହେବ ବୋଲି ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ। କହିବା ବାହୁଲ୍ୟ ଯେ, ବିଦ୍ୟୁତ ପରିବହନଜନିତ କ୍ଷତି ବଢିଚାଲିଥିବା ବେଳେ ହଜାର ହଜାର କୋଟି ଟଙ୍କା କ୍ଷତିଯୋଗୁଁ କମ୍ପାନୀଗୁଡିକ ଗୁରୁତର ସଂକଟର ସମ୍ମୁଖୀନ। ଦେଶରେ ବିଦ୍ୟୁତ ଉତ୍ପାଦନ, ପରିବହନ ଏବଂ ବିତରଣକୁ ସୁବ୍ୟବସ୍ଥିତ କରିବା ପାଇଁ ୯୦ ଦଶକରୁ ବିଦ୍ୟୁତ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାସତ୍ତ୍ୱେ ସେଥିରୁ କୌଣସି ସୁଫଳ ମିଳୁ ନ ଥିବା କୁହାଯାଏ। ଗତ ସପ୍ତାହରେ ଜାତୀୟ ଗ୍ରୀଡ୍ ଅପରେଟର ପାୱାର ସିଷ୍ଟମ ଅପରେସନ କର୍ପୋରେସନ (ପୋସୋ) ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୨୭ଟି ବିଦ୍ୟୁତ ବଂଟନକାରୀ କମ୍ପାନୀ ଉପରେ ପାୱାର ଜେନେରେଟିଂ କମ୍ପାନୀଗୁଡିକ ଉପରେ ବ୍ୟାପକ ବକେୟା ଥିବାରୁ ବିଦ୍ୟୁତ କ୍ରୟ ଓ ବିକ୍ରୟ ସୀମିତ କରିବାକୁ ୩ଟି ପାୱାର ଏକ୍ସଚେଂଞ୍ଜକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଇଲେକ୍ଟ୍ରିସିଟି (ଲେଟ ପେମେଂଟ ସରଚାର୍ଜ ଆଣ୍ଡ ରିଲେଟେଡ୍ ମ୍ୟାଟରର୍ସ) ରୁଲ-୨୦୨୨ ଅନୁଯାୟୀ ନିଆଯାଇଛି। ଇତିମଧ୍ୟରେ ବହୁ ରାଜ୍ୟ ସେମାନଙ୍କର ବକେୟା ପରିଶୋଧ କରିଥିବା କୁହାଯାଇଛି। ତେବେ ଏଥିରୁ ବିଦ୍ୟୁତ ବଂଟନକାରୀ କମ୍ପାନୀ (ଡିସ୍‌କମସ) ଗୁଡିକରେ ଆର୍ଥିକ ଦୁରବସ୍ଥା କେତେ ଯେ ଗମ୍ଭୀର, ତାହା ସ୍ମରଣ କରାଇଦେଇଛି। ଏହା ନିଶ୍ଚିତ ଯେ, ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବଂଟନ ମଧ୍ୟରେ ବଂଟନ କମ୍ପାନୀଗୁଡିକର ଆର୍ଥିକ ସ୍ଥିତି ସବୁଠୁ ଦୁର୍ବଳ। ବିଦ୍ୟୁତ ବଂଟନ କ୍ଷେତ୍ରରେ କ୍ଷତି ବଢିଚାଲିଥିବାବେଳେ ପାୱାର ଜେନେରେଟିଂ କମ୍ପାନୀ(ଜେନ୍‌କସ୍)ଗୁଡିକର ବକେୟା ବିଦ୍ୟୁତ ବଂଟନକାରୀ କମ୍ପାନୀ(ଡିସକସ୍)ମାନଙ୍କ ଉପରେ ବଢିଚାଲିଛି। ଯାହାର ପରିଣତିସ୍ୱରୂପ କୋଇଲା ଖଣିଗୁଡିକୁ ଦେୟ ପ୍ରଦାନରେ ବିଳମ୍ବ ଘଟୁଥିବା କୁହାଯାଏ। ଯାହାର ପ୍ରଭାବ ସିଧାସଳଖ ଭାବେ ସମଗ୍ର ପାୱାର ସେକ୍ଟରର ସ୍ଥିରତା ଉପରେ ପଡୁଛି ବୋଲି କୁହାଯାଇପାରେ। ରାଜ୍ୟ ଡିସକମସ ତଥା ବିଦ୍ୟୁତ ବଂଟନକାରୀ କମ୍ପାନୀଗୁଡିକର ଆର୍ଥିକ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଇଥିବା ଆଶାଠାରୁ କମ୍ ସୁଫଳ ମିଳିଛି। ପ୍ରତ୍ୟେକ ଥର ଆର୍ଥିକ ସହାୟତା ବଢିଚାଲିଛି। ୨୦୦୦ ମସିହା ପ୍ରାରମ୍ଭରେ ରାଜ୍ୟ ବିଦ୍ୟୁତ ବୋର୍ଡଗୁଡିକୁ ୪୧,୫୦୦କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦିଆଯାଇଥିବାବେଳେ ୨୦୧୨ରେ ଏହା ୧୨ଲକ୍ଷ କୋଟି ଥିଲା। ସେହିପରି ୨୦୧୫ରେ ଉଦୟ ଯୋଜନାରେ ପ୍ୟାକେଜ ପରିମାଣ ୨କୋଟି ଥିଲା। ସେହିପରି ୨୦୨୦ରେ ପାୱାର ଫାଇନାନ୍ସ କର୍ପୋରେଟସନ ଏବଂ ଗ୍ରାମାଚଂଳ ବିଦ୍ୟୁତକରଣ କର୍ପୋରେସନ ୧.୩୫ ଲକ୍ଷ କୋଟି ଟଙ୍କା ଋଣ ମଂଜୁର କରିଥିଲେ। ସେହିପରି ୨୦୨୨ରେ ଆଉ ଏକ ପ୍ୟାକେଜ ଘୋଷଣା କରାଯାଇଛି। ନିକଟରେ ଡିସକମ୍‌ସଗୁଡିକର ବିଦ୍ୟୁତ କ୍ରୟ ଦେୟ ପରିଶୋଧ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ୪.୩୨ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଅନୁଦାନ କରିଛି। ଯାହାକି ଦେଶର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗ୍ରାମାଚଂଳ ବିକାଶ କ୍ଷେତ୍ରରେ ବ୍ୟୟଠାରୁ ଅଧିକ। ଏଥିରୁ ଦେଶରେ ଡିସକମ୍‌ସଗୁଡିକର ଆର୍ଥିକ ଅବସ୍ଥା କେତେ ଗୁରୁତର ତାହା ସ୍ପଷ୍ଟ ଅନୁମେୟ। ଏହା ନିଶ୍ଚିତ ଯେ, ଡିସକମ୍‌ସଗୁଡିକର କ୍ଷତିର ମୂଳ କାରଣ ହେଉଛି ବିଦ୍ୟୁତ ଚୋରୀ। ଯାହାକୁ ଏପର୍ଯ୍ୟନ୍ତ କମ୍ପାନୀ ରୋକିପାରିନାହିଁ। ତେବେ ଡିସକମ୍‌ସଗୁଡିକର ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ସମୟ ଭିତିରେ ନିୟମିତ ଶୁଳ୍କ ବୃଦ୍ଧିର ଆବଶ୍ୟକତା ରହିଛି। ଯାହାକୁ ରାଜନୈତିକ ଦଳମାନେ ବିରୋଧ କରି ଆସୁଛନ୍ତି। ଅନ୍ୟପକ୍ଷରେ ରାଜନୈତିକ ଫାଇଦା ପାଇଁ ରାଜନୈତିକ ଦଳଗୁଡିକ ବିଦ୍ୟୁତ ଶୁଳ୍କ ଛାଡ କରିବାରେ ଲାଗିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ଦିଲ୍ଲୀରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ କରିଛି। ସେହିପରି ଆଗକୁ ହେଉଥିବା ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ଆମ ଆଦ୍‌ମୀ ପାର୍ଟି ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଛାଡ ପ୍ରତିଶ୍ରୁତି ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ମାଗଣା ସଂସ୍କୃତିକୁ ରେଉଡି ବୋଲି କହିଥିବା ବେଳେ ଆମ ଆଦମୀ ପାର୍ଟି ଏହାକୁ ସମାଲୋଚନା କରିଛି। ଏହା ନିଶ୍ଚିତ ଯେ, ମାଗଣା ବିଦ୍ୟୁତ ସଂସ୍କୃତିରେ ଦେଶରେ ବିଦ୍ୟୁତ କ୍ଷେତ୍ର ବିପର୍ଯ୍ୟସ୍ତ ହେବା ଆଶଙ୍କାକୁ ଏଡାଇଦେଇ ହେଉନାହିଁ।

# କେତେକ ଅସମାହିତ ପ୍ରଶ୍ନ

ଆଜିକାଲି ସୂଚନା ପ୍ରଯୁକ୍ତିର କ୍ରାନ୍ତି ଦିନକୁ ଦିନ ବଢୁଛି ଯୌଥ ପରିବାର ବଦଳରେ ଏକାର୍ଣ୍ଣବତୀ ପରିବାର ମଧ ବଢୁଛି। ଅନେକ କ୍ଷେତ୍ରରେ ପରିଣତ ବୟସରୁ ବାପ-ମାଆଙ୍କ ପାଇଁ ପିଲାମାନେ ସେବା, ସ୍ନେହ, ସୁଯୋଗ ଦିଅନ୍ତି ନାହିଁ। ତେବେ ଭାରତୀୟ ସନାତନ ସଂସ୍କୃତି ବିଶ୍ୱାସ କରେ ଜୀବନରେ ହେଉଛି ଗୋଟିଏ ଧର୍ମ ତାହା ହେଉଛି ମଣିଷ ଧର୍ମ। ସରକାରଙ୍କ ଅଧୀନରେ ସମସ୍ତ ମନ୍ଦିର ରହିବା ଉଚିତ କି? ଯଦି ହଁ, ତେବେ ଗୁରୁଦ୍ୱାର, ଚର୍ଚ୍ଚ ଓ ମସଜିଦକୁ ସରକାର ନିଜ ହାତକୁ ନେବା ଉଚିତ ହେବ କି? ଝିଅମାନେ ବାପଘରେ, ମୌରସି ସମ୍ପତ୍ତିରେ ଯଦି ସମାନ ଭାଗ ପାଇବେ, ତେବେ ବାହାଘର ସମୟରେ ଯୌଥ ପରିବାରରୁ ଝିଅମାନଙ୍କୁ ଯେଉଁ ଯୌତୁକ ଦିଆଯାଇଥାଏ ତାହାସବୁ ବଣ୍ଟନ ସମୟରେ ବଣ୍ଟନଭୁକ୍ତ କରାଯିବା ଉଚିତ ହେବ କି? ଯଦି ଜଣେ ପୁଅ, ତାକୁ ୨୧ ବର୍ଷ ହେବା ପୂର୍ବରୁ ବିବାହ କରିଥାଏ, ସେ ବିବାହ କୁ ଅବୈଧ ଘୋଷଣା କରାଯିବା ଉଚିତ ହେବ କି? ଜଣେ ବ୍ୟକ୍ତିର ପ୍ରକୃତ ଅସୁବିଧା ସେ କଚେରୀରେ ଡିଗ୍ରୀ ପାଇବା ପରେ ଆରମ୍ଭ ହୋଇଥାଏ କି? ଜଣେ ବ୍ୟକ୍ତିକୁ ଡିଗ୍ରୀରେ ପାଇଥିବା ଫଳ ପାଇଁ ବାରମ୍ବାର କୋର୍ଟକୁ ଦୌଡ଼ିବାକୁ ପଡ଼ିଥାଏ। ତେଣୁ ଏପରିସ୍ଥଳେ ପ୍ରତ୍ୟେକ ଡିଗ୍ରୀର ଫଳ ପାଇବା ପାଇଁ ଆଇନରେ ସମୟସୀମା ନିର୍ଦ୍ଧାରଣ ହେବା ଉଚିତ କି? ଏ ଦାୟିତ୍ୱ ସରକାର ବହନ କରିବା ଉଚିତ କି? କୋଭିଡ଼-୧୯ ମହାମାରୀରେ ପ୍ରାଣ ହରାଉଥିବା ପିତାମାତା ବିହୀନ ଶିଶୁମାନଙ୍କ (ଖାଦ୍ୟ, ଶିକ୍ଷା, ବାସ ଓ ଚିକିତ୍ସା) ପାଇଁ ସରକାର କି କି ନୀତି ପ୍ରଣୟନ କରିଛନ୍ତି? ଏ କ୍ଷେତ୍ରରେ ବିଳମ୍ବ କଣ ପାଇଁ ମାନବ୍ୟର ସୁପ୍ରିମକୋର୍ଟ ହସ୍ତକ୍ଷେପ କରୁଛନ୍ତି। ଜଣେ ନିଜକୁ ଯୌନକର୍ମୀ କହି, ଆବାସିକ ପ୍ରମାଣପତ୍ର ନଥାଇ, ଆଧାର କାର୍ଡ଼ ପାଇଁ ଆବେଦନ କରିବା ଓ ପ୍ରାପ୍ତ ହେବା ଯଥାର୍ଥ କି? ବଡ଼ ଧରଣର ଲଣ୍ଡ୍ରି (ଯେଉଁଠାରେ ଲୁଗା ସଫା ହୁଏ) ତାହା ଫ୍ୟାକ୍ଟ୍ରିସ ଆକ୍ଟର ଅଧିନ ହେବା ଉଚିତ କି? ନାଗରିକ ଅଧିକାର ବଡ଼ ନା ସାମରିକ ଅଧିକାର ଭାରତରେ ବଡ଼? ଯଦି ଗୋଟିଏ ଝିଅ ଏକ ଘରୋଇ ସଂସ୍ଥାରେ ଅନୁବନ୍ଧିତ ହୋଇ ଚାକିରୀ କରିଥାଏ ଯେ ସେ ଚାକିରୀ କାଳରେ ଅନ୍ୟ ସମସ୍ତ କର୍ମଚାରୀ ଯେତିକି ଦିନ ଛୁଟି ପାଇବାକୁ ଯୋଗ୍ୟ ସେ ମଧ ସେତିକି ଦିନ ଛୁଟି ପାଇବେ। କିନ୍ତୁ ବିବାହ ପରେ ସେ ମାର୍ଟିନଟି ଲିଭ ବାରମ୍ବାର ନେଇପାରିବେ କି? ପୂର୍ବ ଅନୁବନ୍ଧିତ ନିୟମ ତାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇପାରିବ କି? ପରିଶେଷରେ ଏହା କୁହାଯାଇପାରେ ପାର୍ଟ ଟାଇମ ଲ'ଡିଗ୍ରୀ ହାସଲ କରିଥିବା ଓକିଲ ବାର କାଉନସିଲ ଗୁଡ଼ିକରୁ ଓକିଲାତି ଲାଇସେନ୍ସ ପାଇବାକୁ ଯୋଗ୍ୟ ହେବେ କି?

# ବିପର୍ଯ୍ୟୟ ସମୟରେ ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥା ଉପରେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା



ବାଲେଶ୍ୱର (ପିଏନ୍)- ସମ୍ଭାବ୍ୟ ବାତ୍ୟା ଓ ସୁନାମିକୁ ଦୃଷ୍ଟିରେ ରଖି ବିଭିନ୍ନ ବିପର୍ଯ୍ୟୟ ସମୟରେ ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ସ୍ଥାନୀୟ ଓସୱାନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଜରୁରୀକାଳୀନ କକ୍ଷ ବେତାର ଯନ୍ତ୍ରୀ ସତ୍ୟବ୍ରତ ସାହୁ ଓ ଶୀତଳ ପ୍ରସାଦ ସାମଲ ଯୋଗ ଦେଇ ବିପର୍ଯ୍ୟୟ ପୂର୍ବରୁ ପ୍ରାକ ସୂଚନା ବିତରଣ ବ୍ୟବସ୍ଥା ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରିବା ସହିତ ବିସ୍ତୃତ ଆଲୋଚନା କରିଥିଲେ । କର୍ମଶାଳାରେ ଉପସ୍ଥିତ ଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ଓ ବାଲେଶ୍ୱର ସଦର ବ୍ଲକ କାର୍ଯ୍ୟାଳୟର କର୍ମକର୍ତ୍ତା ଏବଂ ବିଭିନ୍ନ ପ୍ରାକ ବିପଦ ସୂଚନା ବିତରଣ କେନ୍ଦ୍ରର ସମ୍ପାଦକମାନଙ୍କୁ ମଧ୍ୟ ସେମାନେ ଏ ସଂକ୍ରାନ୍ତରେ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରାକ୍ ବିପଦ ସୂଚନା ବିତରଣ କେନ୍ଦ୍ରରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଯଥା ଡିଏମଆର ରେଡିଓ, ସଂକେତଧ୍ୱନି ଯନ୍ତ୍ର, ସଂଚାର ମାଧ୍ୟମ, ବିଭିନ୍ନ ବିକଳ୍ପ ବ୍ୟବସ୍ଥା ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ ଓ ୟୁନିସେଫ୍ ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ଉପସ୍ଥିତ ରହି ଏହାର ସୁପରିଚାଳନା କରିଥିଲେ ।

# କେନ୍ଦ୍ରାପଡା କଲେଜ ବାଣିଜ୍ୟ ବିଭାଗ ପୁରାତନ ଛାତ୍ରବନ୍ଧୁଙ୍କ ମିଳନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ୨୦୧୦ ବ୍ୟାଚର ପୁରାତନ ଛାତ୍ରମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବାଣିଜ୍ୟ ବିଭାଗରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରେରଣାରେ ଏବଂ ଅଧ୍ୟାପକ ବିଭବ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବିଭାଗର ପ୍ରାକ୍ତନ ଅଧ୍ୟାପକ ଗିରିଶ କୁମାର ପାତ୍ର, ବିନ୍ଦୁମିତ୍ର ବଳ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ଅଧିକାରୀ, କୈଳାସ ଚନ୍ଦ୍ର ଲେଙ୍କା, ବୀରେନ କୁମାର ରାଉତ, ବର୍ତ୍ତମାନର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜ୍ଞାନରଞ୍ଜନ ଦାସ, ଅଧ୍ୟାପକ ରଞ୍ଜିତ କୁମାର ଦାସ, ବିଭାଗର ଅନ୍ୟତମ ଅଧ୍ୟାପକ ସୁରେଶ ଚନ୍ଦ୍ର ଦାସ, ୱାଇ ପଦ୍ମାବତୀ, ରଞ୍ଜିତା ଗଡ଼ସରା, ଆର୍ଯ୍ୟାସ୍ମିତା କର ପ୍ରମୁଖ ଯୋଗଦେଇ ସେହି ପୁରାତନ କଲେଜ ଜୀବନର ସ୍ମୃତିକୁ ରୋମନ୍ଥନ କରିଥିଲେ। ବିଭାଗର କର୍ମଚାରୀ ଦେବ ନାରାୟଣ ବାରିକ, ସୁବାସ ଗୋଛାୟତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ପୁରାତନ ଛାତ୍ର ଅବିନାଶ ପ୍ରଧାନ, ସତ୍ୟରଞ୍ଜନ ସୁଆର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶୁଭନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ଚିତ୍ତରଞ୍ଜନ ପତ୍ରୀ, ସୁଭାଶିଷ ଦାସ, ବିକାଶ ଜେନା, ସତ୍ୟଶିବ ପଣ୍ଡା, ଦୀପକ ପରିଡା, ସରୋଜକାନ୍ତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଗବତ ଗାଦି ବଡ଼ଦାଣ୍ଡ ସେବାକାର୍ଯ୍ୟ





କଟକ (ପିଏନ୍): କଟକ ଧବଳେଶ୍ୱର ଗଡ଼। ବ୍ରଜବିହାରୀପୁରସ୍ଥିତ ଆଜିକି ପାଞ୍ଚବର୍ଷ ହେଲା ପ୍ରତ୍ୟେହ ଭାଗବତ ପାଠ ଓ ସହସ୍ରାଧିକ ଲୋକମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହେଉଛି। ସ୍ୱର୍ଗତଃ ନାରାୟଣ ଓଝା ଓ ଚମ୍ପା ଓଝାଙ୍କ ଆଦର୍ଶରେ ଅନୁପ୍ରାଣୀତ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ତ୍ରିନାଥ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଷର ପ୍ରତି ପୂର୍ଣ୍ଣିମାରେ ଅସହାୟ, ବୁଢ଼ାବୁଢ଼ୀ ଓ ଛୋଟପିଲାଙ୍କ ପାଇଁ ମହାପ୍ରସାଦ ସେବନ ବ୍ୟବସ୍ଥା ଓ ଆଧ୍ୟାତ୍ମିକ ସେବାକାର୍ଯ୍ୟ ସମ୍ପାଦନ ହେଉଛି। ପ୍ରତିବର୍ଷ ଚାରଟି ପୂର୍ଣ୍ଣିମାରେ ଦୁଇହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଖାଦ୍ୟ ଓ ମାଗଣା ଔଷଧ ପତ୍ର ବଣ୍ଟନ ହୁଏ। କାର୍ଯ୍ୟକ୍ରମକୁ ସମ୍ପାଦକ ଗଜେନ୍ଦ୍ର ନାୟକ, ଲୋଚନ ବାରିକ, ଦୀପକ ବାରିକ, ଟୁଲିଆ ସ୍ୱାଇଁ, ମନୋଜ ସାହୁ, ସନ୍ତୋଷ ମିଶ୍ର, ହେମାରାଣୀ ଓଝା ପ୍ରମୁଖ ପରିଚାଳନା କରିଥାନ୍ତି। ସରକାରଙ୍କ ବିନା ସହାୟତାରେ କିଛି ବଦାନ୍ୟ ବ୍ୟକ୍ତିତ୍ୱଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥାଏ। କାର୍ଯ୍ୟକ୍ରମ ପାଇଁ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ସହଯୋଗ ରଖୁଥିଲାବେଳେ ପ୍ରତି ମାସରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଗାଡ଼ି ପାର୍କିଂର ମହାଘୋଟାଲା ପ୍ରତିବାଦରେ ବିଏମ୍‌ସି ଅଫିସ୍ ସମ୍ମୁଖରେ କିନ୍ନରମାନଙ୍କ ଧାରଣା




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ମହାନଗର ନିଗମ ତରଫରୁ ଦିଆଯାଇଥିବା ଗାଡ଼ି ପାର୍କିଂ ମହାଘୋଟାଲାର କ୍ରାଇମବ୍ରା ଓ ଇଡ଼ି ତଦନ୍ତ ଦାବିରେ ଅଲ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗ ମହାସଂଘ ତରଫରୁ ହଜାର ହଜାର କିନ୍ନର ବିଏମ୍‌ସି ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ରାଜଧାନୀ ଭୁବନେଶ୍ୱରରେ କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଟିଜି ସ୍ୱୀକୃତି ଓ ପରିଚୟ ନାମକ ଏସ୍ଏଚ୍‌ଜିକୁ ଭୁବନେଶ୍ୱରର ଏଜି ଛକରୁ ରାଜମହଲ ଛକ (ୟୁନିଟ୍-୨) ଓ ରାଜମହଲ ଛକରୁ ମାଷ୍ଟର କ୍ୟା ିନ, ରାମ ମନ୍ଦିର ଛକରୁ ମାଷ୍ଟର କ୍ୟା ିନ ଓ ମାଷ୍ଟର କ୍ୟା ିନରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ଗାଡ଼ି ପାର୍କିଂ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଯେଉଁ ତିନୋଟି କିନ୍ନର ଏସ୍ଏଚ୍‌ଜିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା, ସେମାନେ ଗାଡ଼ି ପାର୍କିଂ ଷ୍ଟାଣ୍ଡରୁ ଅର୍ଥ ଆଦାୟ ପାଇଁ କିନ୍ନରମାନଙ୍କୁ ନିୟୋଜିତ ନକରି କିଛି ଅସାଧୁ ଯୁବକ ଏବଂ ଯୁବତୀଙ୍କୁ ନିୟୋଜିତ କରି ବିଏମ୍‌ସି ଚିହ୍ନଟ କରିଥିବା ଷ୍ଟାଣ୍ଡରେ ଦୁଇଚକିଆ ଓ ଚାରିଚକିଆ ଯାନ ରଖୁଥିବା ବ୍ୟକ୍ତିମାନଙ୍କଠାରୁ ଟିକେଟ ନଦେଇ ଅସାଧୁ ଉପାୟରେ ଅର୍ଥ ଆଦାୟ କରିବା ଓ କିଛି ଲୋକଙ୍କୁ ଟିକେଟ ଦେଇ ଟିକେଟର ମୂଲ୍ୟଠାରୁ ଅଧିକ ଅର୍ଥ ଆଦାୟ କରିଥାନ୍ତି। ଯାହାକି ସାଧାରଣ ଲୋକଙ୍କ ମନରେ କିନ୍ନର ସମାଜ ପ୍ରତି ଘୃଣା ମନୋଭବ ଜାଗ୍ରତ ହୋଇଥାଏ। କିନ୍ତୁ ବଡ଼ ଦୁଃଖର ବିଷୟ, ବିଏମ୍‌ସିର ଅଧିକାରୀ ଓ କିନ୍ନର ଟିଜି ସ୍ୱୀକୃତି ଓ ପରିଚୟ ଯେଉଁ କିନ୍ନର ଏସ୍ଏଚ୍‌ଜିମାନଙ୍କୁ କେଉଁ ଆଧାରରେ ସାଇକେଲ ଷ୍ଟାଣ୍ଡର ଦାୟିତ୍ୱ ଦିଆଯାଇଥିଲା ତାହା ତଦନ୍ତସାପେକ୍ଷ? ଅନ୍ୟ କିନ୍ନର ଏସ୍ଏଚ୍‌ଜିମାନଙ୍କୁ ନ ଡ଼ାକି କାହିଁକି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କିନ୍ନରମାନଙ୍କୁ ଦାୟିତ୍ୱ ଦେଇଥିଲେ ତାହା ବୁଝାପଡୁନାହିଁ। ଯାହାର ଫାଇଦା ନେଇ ଏହି ଏସ୍ଏଚ୍‌ଜିମାନେ ବେଆଇନ ଭାବେ ଲୋକଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ଏବେ ନଜରକୁ ଆସିଛି। ଖାଲି ସେତିକି ନୁହେଁ, ବିନା କାରଣରେ ସାମ୍ବାଦିକ ତଥା ଲେଖକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍‌ରେ ଫସାଇବାକୁ ଧମକାଇବା, ଷ୍ଟାଣ୍ଡରେ ବିନା କାରଣରେ ସାଧାରଣ ଲୋକଙ୍କୁ ମାଡ଼ ମାରିବା, ଦୁଇ ତିନିଜଣ ସାମ୍ବାଦିକଙ୍କୁ ଧମକ ଦେବା ଭଳି ଅନେକ ଅନୈତିକ କାର୍ଯ୍ୟରେ ଏହି କିନ୍ନରମାନେ ଲିପ୍ତ ଅଛନ୍ତି। ଯେଉଁ ବାହାର ପିଲାମାନଙ୍କ ମାଧ୍ୟମରେ ସାଇକେଲ ଷ୍ଟାଣ୍ଡରେ ପଇସା ଆଦାୟ କରୁଥିଲେ, ସେମାନଙ୍କ ଦରମା ୧୨ ହଜାର ଥିବାବେଳେ ସେମାନଙ୍କୁ ୭ ହଜାର ଟଙ୍କା ଦେଇ ବାକି ପଇସାକୁ ନିଜେ ଆତ୍ମସାତ କରୁଥିଲେ। ଏତଦ୍‌ବ୍ୟତୀତ ସାଇକେଲ ଷ୍ଟାଣ୍ଡରୁ ମଧ ମାସିକ ପାଖାପାଖି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରୁଥିଲେ। ଆମ୍ଭର ଦାବିଗୁଡ଼ିକ ମଧ୍ୟରେ ମେଘନା ସାହୁ, ନିଲମ କିନ୍ନର ଓ ଟିଜି ସ୍ୱୀକୃତି ଏସ୍ଏଚ୍‌ଜି ବିଏମ୍‌ସି, ପରିଚୟ ଏସ୍ଏଚ୍‌ଜିଠାରୁ ଦୁଇଚକିଆ ଯାନ ପାର୍କିଂ ପାଇଁ ନେଇଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କ୍ରାଇମବ୍ରା / ଇଡ଼ି ତଦନ୍ତ କରାଯାଉ, ବିଏମ୍‌ସିର ଦୁଇଚକିଆ ଯାନ ପାର୍କିଂରେ ଚାକିରୀ କରିଥିବା ବ୍ୟକ୍ତି ଓ ମହିଳାମାନଙ୍କୁ ଦରମା ନଦେଇ ସେମାନଙ୍କ ଅର୍ଥକୁ ହଡ଼ପ କରିଥିବା ଟିଜି ଏସ୍ଏଚ୍‌ଜି ସଦସ୍ୟମାନଙ୍କୁ ଗିରଫ କରାଯାଉ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍‌ରେ ଫସାଇ ଧମକ ଦେଉଥିବା ମେଘନା କିନ୍ନରଙ୍କୁ ଗିରଫ କରାଯାଉ, ଗାଡ଼ି ପାର୍କିଂ ନାମରେ ସାରା ଓଡ଼ିଶାରେ କିନ୍ନରମାନଙ୍କୁ ବଦନାମ କରିଥିବା କିନ୍ନର ଏସ୍ଏଚ୍‌ଜିମାନଙ୍କ ବିରୋଧରେ କ୍ରାଇମ ବ୍ରା ତଦନ୍ତ କରାଯାଉ। ଗତକାଲିର ଏହି କାର୍ଯ୍ୟକ୍ରମରେ ମହାସଂଘର ସଭାପତି ସୁଇଟି ସାହୁ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ମେନକା ପରିଡ଼ା ପରିଚାଳନା କରିଥିଲେ। ଏଥିରେ ସୋନମ କିନ୍ନର, ପୂଜା କିନ୍ନର, ମିଠି କିନ୍ନର, ଶ୍ରାବଣୀ କିନ୍ନର, ରୀନା କିନ୍ନର, ପାୟଲ କିନ୍ନର, ସୋନାଲି କିନ୍ନର, ଖୁସି କିନ୍ନର, ପଦ୍ମିନୀ କିନ୍ନର ପ୍ରମୁଖ ଧାରଣା ଦେଇଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାନନୀୟା ମହାନଗରପାଳ ସୁଲୋଚନା ଦାସ ଓ ବିଏମ୍‌ସି କମିଶନରଙ୍କ ଜରିଆରେ ପା ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯଦି ରାଜ୍ୟ ସରକାର ୭ ଦିନ ମଧ୍ୟରେ ଏହି ଦାବି ନ ଶୁଣନ୍ତି, ତେବେ କିନ୍ନରମାନେ ବାଧ୍ୟ ହୋଇ ନବୀନ ନିବାସ ଘେରାଉ କରିବେ ବୋଲି ସଭାପତି ସୁଇଟି ସାହୁ ଚେତାବନୀ ଦେଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୬**

# ଭାରତୀୟ ସଂସ୍କୃତିରେ ଜନନୀ ଦଶଭୁଜା



ଶ୍ୟାମ ସୁନ୍ଦର ସାମଲ

ସଂସ୍କୃତି କହିଲେ ମାନବର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଜୀବନର ମାନଦଣ୍ଡ ତଥା ମାର୍ଜିତ ଚିନ୍ତାଧାରାକୁ ବୁଝାଏ । ଏହା ଏକ ସଂସ୍କାର ସମ୍ପନ୍ନ ମାନବ ସମାଜର ଅନ୍ତଃସଲୀଳା ଚୀର ପ୍ରବହମାନ ଜହ୍ନାବୀ ଧାରା । ଏହା ସାମାଜିକ ଜୀବନ ଠାରୁ ଆରମ୍ଭ କରି ସାଂସ୍କୃତିକ ତଥା ଧାର୍ମିକ ଜୀବନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ପ୍ରତିଫଳିତ । ଭାରତୀୟ ଜନଜୀବନର ସାମଗ୍ରିକ ରୂପ ତାର ଲୋକ – ସଂସ୍କୃତିରେ ପ୍ରତିଫଳିତ । ତେଣୁ ସାମାଜିକ ଆଧ୍ୟାତ୍ମିକ ଓ ରାଜନୈତିକ ଜୀବନର ମଧୁର ସମନ୍ୱୟରେ ପ୍ରତ୍ୟେକ ଦେଶର ସଂସ୍କୃତି ଗଢ଼ି ଉଠିଥାଏ । ସେଥିପାଇଁ ଭାରତ ବର୍ଷ ସର୍ବୋପରି ବହୁ ସଂପ୍ରଦାୟ ଓ ବହୁ ଭାବନାର ସମନ୍ୱିତ ଭୂମି ଏବଂ ମହନୀୟ ଚେତନାର ସମନ୍ୱିତ ତୀର୍ଥ । ଆର୍ଯ୍ୟଭୂମି ଭାରତ ବର୍ଷରେ ଶାକ୍ତ ସଂସ୍କୃତିର ଏକ ବିରାଟ ଐତିହ୍ୟ ରହି ଆସିଛି । ଆର୍ଯ୍ୟ ଓ ଅର୍ଯ୍ୟୋତର ବିଶ୍ୱାସ ଓ ସଂସ୍କାରର ସମନ୍ୱୟରୁ ଶକ୍ତି ଉପାସନା ଆରମ୍ଭ ହୋଇଥିଲା । ପ୍ରଚଳିତ ଶାକ୍ତ ବ୍ରତ ଗୁଡ଼ିକରେ ଦୁର୍ଗା, ଲକ୍ଷ୍ମୀ, ମହାକାଳୀ, ମଙ୍ଗଳା, ସାବିତ୍ରୀ, ଉ ରାୟଣୀ, ପାର୍ବତୀ, ଆରାଧ୍ୟ ଦେବୀ ରୂପେ ପୂଜା ପାଆନ୍ତି । ମୁଖ୍ୟତଃ ଏକ ଈଶ୍ୱର ଉପରେ ବିଶ୍ୱାସ ରଖିଥିଲେ ହେଁ ବହୁ ଦେବଦେବୀ ପୂଜା ହିନ୍ଦୁ ସଂସ୍କୃତିର ଏକ ଉଲ୍ଲେଖଯୋଗ୍ୟ ବିଶିଷ୍ଟ୍ୟ । ତେଣୁ ଭାରତ ବର୍ଷରେ ବିଭିନ୍ନ ସମୟରେ ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ପଞ୍ଚସଖାଦି ବହୁ ଧର୍ମ ଓ ଦର୍ଶନ ସମ୍ପ୍ରଦାୟର ଉଦ୍ଭବ, ବିକାଶ ଓ ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ସେହି ଧର୍ମାନୁସୃତ ବିଭିନ୍ନ ଦେବତା ମାନଙ୍କର ପୂଜା, ଉପାସନା ବ୍ୟାପକ ଭାବରେ ଜନ ସମାଜରେ ପ୍ରଚଳିତ ହୋଇଅଛି । ଭାରତୀୟ ସଂସ୍କୃତିର ଏକ ମୁଖ୍ୟ ବିଭାବ ହେଉଛି ସମନ୍ୱୟ ପ୍ରତିଷ୍ଠା । ଏଠାରେ ବିଷ୍ଣୁ, ଶିବ, ଆଦିତ୍ୟ, ଗଣପତି ଏବଂ ଦୁର୍ଗା ପଞ୍ଚ ଦେବତା ରୂପେ ପୂଜା ପାଇ ଆସୁଛନ୍ତି । ବିଶେଷତଃ ଭାରତୀୟ ଧର୍ମୀୟ ପରମ୍ପରାରେ ଅନେକ ଧାର୍ମିକ ଚିନ୍ତାଧାରାର ଉତ୍ଥାନ ଓ ପତନ ସତ୍ତ୍ୱେ ଏହି ପଞ୍ଚୋପାସନା ମଧ୍ୟରେ ଶକ୍ତି ଉପାସନା ବିଶେଷ ଆଦୃତି ଲାଭ କରିଛି । ଭାରତର ବିଭିନ୍ନ ସ୍ଥାନରେ ବରାହୀ ଭୈରବିମନସା, ପନ୍ନଶବରୀ, ତାରା, ଅମ୍ବା ଅମ୍ବାଳିକା ପ୍ରଭୃତି ଶାକ ଦେବୀ ମାନଙ୍କ ସହ ଚତୁର୍ଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା, ଦ୍ୱାଦଶଭୁଜା, ଷୋଡ଼ସଭୁଜା, ମହିଷାମର୍ଦ୍ଦିନୀ ଦୁର୍ଗା ଉପାସିତା ହୋଇ ଆସୁଛନ୍ତି । ବିଭିନ୍ନ ବୈଦିକ ଶାସ୍ତ୍ର ମାନଙ୍କରେ ଶକ୍ତି ଉପାସନାର ବିପୁଳ ବର୍ଣ୍ଣନା ଦେଖିବାକୁ ମିଳେ । ରାମାୟଣରେ – ଉମା, ଗିରିଜା, ରୁଦ୍ରାଣୀ, ପାର୍ବତୀ, ନାଗମାତା, କାଳରାତ୍ରି ପ୍ରଭୃତି ଦେବୀ ମାନଙ୍କର ନାମ ଉଲ୍ଲେଖ କରାଯାଇଛି । ମହାଭାରତ ବିରାଟ ପର୍ବରେ ଯୁଧିଷ୍ଠିରଙ୍କ ଦୁର୍ଗାସ୍ତବ, ଭୀଷ୍ମ ପର୍ବରେ ଅର୍ଜୁନଙ୍କ ଦୁର୍ଗାସ୍ତୋତ୍ର ଏବଂ ହରିବଂଶର ଆର୍ଯ୍ୟସ୍ତବରେ ମଧ ଶକ୍ତି ଉପାସନାର ଯଥେଷ୍ଟ ପ୍ରମାଣ ଦର୍ଶିତ ହୋଇଛି । ସୃଷ୍ଟି ବିଧ୍ୱଂଶକାରୀ ମହିଷାସୁର ବିରୁଦ୍ଧରେ ମଙ୍ଗଳମୟୀ ଦେବୀଙ୍କର ସେ ଦିନର ରୋମାଞ୍ଚକାରୀ ଯୁଦ୍ଧ ଅଭିଯାନ ଏବେ ମଧ୍ୟ ଜନ ମାନସକୁ ଆଲୋଡ଼ିତ କରେ । ହେ ଅମୃତର ସନ୍ତାନଗଣ ଥରେ ଚିନ୍ତାକରି ଦେଖନ୍ତୁ ଗୋଟିଏ ମହିଷାସୁରକୁ ନିହତ କରିବା ପାଇଁ ସୃଷ୍ଟିର ସମସ୍ତ ଦେବ ଦେବୀ, ମଙ୍ଗଳମୟୀ ଜନନୀ ଦଶଭୁଜାଙ୍କୁ ସେମାନଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର ଅର୍ପଣ କରିଥିଲେ । କିନ୍ତୁ ଆଜିର ବସ୍ତୁବାଦୀ ଦୁନିଆରେ ଯେଉଁ ସହସ୍ର ସହସ୍ର ମହିଷାସୁର ଜନ୍ମନେଇ ସମଗ୍ର ଜନଜୀବନରେ ଆତଙ୍କର ଛାୟା ଖେଳାଇ ଦେଲେଣି ସେମାନଙ୍କୁ ସଂହାର କରିବା ପାଇଁ କେଉଁ ଅସ୍ତ୍ରର ପ୍ରୟୋଜନ ଅଛି । ଏବେ ମଧ୍ୟ ସମୟ ଅଛି ଦୁର୍ଗତି ନାସିନୀ ଜଗଜ୍ଜନନୀଙ୍କ ଶୁଭାଗମନରେ ପଶୁବଳୀ ପରି ନାରକୀୟ କାଣ୍ଡ ପରିବର୍ତ୍ତେ ନିଜ ଭିତରେ ସ୍ଥାନ ଦେଇଥିବା ଈର୍ଷା, ଅସୂୟା, ପରଶ୍ରୀକାତରତା, ଅହମିକା ତଥା ନାନାଦି ସଂକୀର୍ଣ୍ଣତା ରୂପକ ମହିଷାସୁରକୁ, କଲ୍ୟାଣମୟୀ ଜନନୀ ଦଶଭୁଜାଙ୍କ ପଦାର ବିନ୍ଦରେ ବଳୀ ଦେଇ ଚୀର ପ୍ରବହମାନ ଧର୍ମ, ସଂସ୍କୃତି ଓ ସଭ୍ୟତାକୁ ମାର୍ଜିତ ଓ ସୁସହନ୍ତ କରିପାରିଲେ ସାରା ଜଗତରୁ ଦୁଃଖର ଦାବାନଳ ନିର୍ବାପିତ ହୋଇଯିବ ।

*ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ,*
*ସତ୍ୟସାଇ ସେବା ସମିତି, କଟକ*
*ଦୂରଭାଷ : ୯୭୭୮୬୩୫୯୨୬*

# 'ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ ପରିଯନ୍ତେ, ଉଚ୍ଛବ ବିଧାନ କରିବ ଅର୍ଚ୍ଚନା କରି ନିତ୍ୟେ'



ଡକ୍ଟର ତପନ କୁମାର ପାଳ

ଦୁର୍ଗା- ଦେବୀ । ଏହା ସମସ୍ତେ ସ୍ୱୀକାର କରିନପାରନ୍ତି କିନ୍ତୁ ଏକ ପ୍ରତୀକ । ସର୍ବସ୍ୱୀକାର୍ଯ୍ୟ । ସେ ପ୍ରତୀକ ସମଗ୍ର ବିଶ୍ୱର । ସାରା ସୃଷ୍ଟିର । ଦୁର୍ଗା ଦୁର୍ଗମ ଅସୁରକୁ ବିନାଶକରିଥିଲେ । ସେଦିନ ହିରଣାକ୍ଷ ବଂଶରେ ଦୁର୍ଗମ ଦୈତ୍ୟର ଜନ୍ମନେଇ ବ୍ରହ୍ମାଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବରପ୍ରାପ୍ତି ହୋଇଥିଲା । ଦୈତ୍ୟର ଆସୁରିକ ପ୍ରଭାବରେ ସଂସାରର ଧାର୍ମିକ କ୍ରିୟା ନଷ୍ଟ ହେଲା । ଦେବତାମାନଙ୍କ ହବିର୍ଭାଗ ଯାଗଯଜ୍ଞାଦି ବନ୍ଦ ହେବାରୁ ମର୍ତ୍ତ୍ୟରେ ଏକଶହ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲାନାହିଁ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନି ଲୋକରେ ହା ହା କାର ଖେଳିଗଲା । ଏପରି ପରିସ୍ଥିତିରେ ଦୁର୍ଗମ ଅତ୍ୟନ୍ତ ଆନନ୍ଦିତ ହେଉଥିଲା । ପରେ ପରେ ନିଜର ଅଧିକାରକୁ ଅମରାବତୀ(ସ୍ୱର୍ଗ) ପୁରରେ ଜାହିରକଲା । ଦେବତାଗଣ ଦୁର୍ଗମର ଅତ୍ୟାଚାରରେ ଅତିଷ୍ଠ ହେଲେ । ଭୟରେ ସ୍ୱ ବାସଗୃହ ତ୍ୟାଗକରି ହିମାଳୟ ପର୍ବତରେ ପହଞ୍ଚିଲେ ଏବଂ ଶକ୍ତିଭୂତା ସନାତନୀ ଭଗବତୀ ମାହେଶ୍ୱରୀଙ୍କୁ ସ୍ମରଣକଲେ । ଦେବୀ ତତ୍‌କ୍ଷଣାତ ପ୍ରକଟିତାହେଲେ । ଦୈତ୍ୟର ପ୍ରଭାବରେ ତ୍ରିଲୋକରେ ଏପରି ବ୍ୟାକୁଳତା ଭରିଯାଇଥିଲା ଯେ ପରିସ୍ଥିତି ଦେଖିକୃପାମୟୀ ମା'ଙ୍କ ଆଖିରେ ଅଶ୍ରୁ ନିର୍ଗତ ହେବାକୁଲାଗିଲା । ବେଦନାକୁ ଧୋଇଦେବା ପାଇଁ ମାଙ୍କ ମୁଖମଣ୍ଡଳରେ ପ୍ରକାଶିତ ହେଲା ଶହେଟି ନେତ୍ର । ସେ ତ ଅଶ୍ରୁନଥିଲା; ଥିଲା ହିମାଳୟ ବକ୍ଷରୁ ସ୍ରୋତସ୍ୱିନୀ ଗଙ୍ଗାର ପ୍ରବାହ । ମା'ଙ୍କ ନାମ ହେଲା 'ଶତାକ୍ଷୀ' । ଅନ୍ୟାନ୍ୟ ଦେବୀପୀଠ ପରି ଝଙ୍କଡର ମା'ଶାରଳାଙ୍କ ପୀଠରେ ମଧ ଶାରଦୀୟ ଦୁର୍ଗାପୂଜା ବିଧିମତେ ଅନୁଷ୍ଠିତ ହୁଏ । ଏହା ଶାରଦୀୟ ମହାପୂଜା ଭାବରେ କଥିତ ହୋଇଥାଏ । ଏ ସଂପର୍କରେ ଉଲ୍ଲେଖ ଅଛ, 'ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ ପରିଯନ୍ତେ / ଉଚ୍ଛବ ବିଧାନ କରିବ ଅର୍ଚ୍ଚନା କରି ନିତ୍ୟେ' । କିମ୍ବଦନ୍ତୀ ଅଛି, ଯେ ପଞ୍ଚଦଶ ଶତାବ୍ଦୀର ଓଡ଼ିଆ ଆଦିକବି ସାରଳା ଦାସ, କନ୍ୟାମାସ ଶୁକ୍ଳପକ୍ଷ ଦଶମୀ ଅର୍ଥାତ୍ ଦଶହରା ରାତିରେ ଏହି ଦେବୀଙ୍କର କୃପାଲାଭ କରିଥିଲେ । ଶ୍ରୀଚଣ୍ଡୀ ପୁରାଣର ଏକ ଉଲ୍ଲେଖ ଏ ପ୍ରସଙ୍ଗରେ ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେଥିରେ ଉଲ୍ଲେଖ ଅଛି 'ଅହୋ କନ୍ୟାମାସ ଶୁକ୍ଳ ପକ୍ଷ ଦଶମୀ ଅପରାଜିତେ / ରାତ୍ରେଣ ସ୍ତ୍ରୀ ଏକ ଭେଟିଲା ଆସି, ମୋତେ / ତୁଳସୀ ମାଳା ଗୋଟିଏ ମୋହର ହୃଦେ ଦେଇ / ଯେ ଶାସ୍ତ୍ରକଥା ମୋତେଣ ବସି କହି ।' ଦେବୀ 'ସାରୋଳ ଚଣ୍ଡୀ' ଓ 'ସାରଦା (ଶାରଦା) ଠାକୁରାଣୀ' ନାମରେ ମଧ କଥିତ ହୁଅନ୍ତି । ସାରୋଳ ଚଣ୍ଡୀ ଶାକ୍ତ ତତ୍ତ୍ୱ ବିଧିରେ ମାହେଶ୍ୱରୀ ଶିବା ଭାବେ ଉପାସିତା ହେଉଥିବା ବେଳେ, ସାରଦା ବା ଶାରଦା ଠାକୁରାଣୀ ବୈଷ୍ଣବୀ ବାକ୍‌ଦେବୀ ବା ସରସ୍ୱତୀ ଭାବରେ ଉପାସିତା ହୁଅନ୍ତି । କବିବର ରାଧାନାଥ ରାୟ ତାଙ୍କ 'ମହାଯାତ୍ରା' କାବ୍ୟର ଆରମ୍ଭରେ ମଧ ତାଙ୍କୁ 'ପଙ୍କଜବାସିନୀ ଦେବୀ ଉତ୍କଳ ଭାରତୀ' ବୋଲି କହିଛନ୍ତି । 'ମା'– ଶବ୍ଦରେ ଭରିରହିଛି ଅମୃତର ଉସ୍ୱାସ । ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ । ମା' ବାରମ୍ବାର ଆବିର୍ଭୁତା ହୁଅନ୍ତି ସନ୍ତାନର ଆକୁଳ ପ୍ରାର୍ଥନାରେ । ମା'ର ଇଚ୍ଛା ସଦା ପୂର୍ଣ୍ଣହୁଏ । ସେ ଶକ୍ତିସ୍ୱରୂପିଣୀ । ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା । ଏ ଶରୀର ମଧ ଶକ୍ତି ବିନା ଜଡ଼ । ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ । ଶକ୍ତି, ଜଡ଼ରେ ଚୈତନ୍ୟସତ୍ତା ଆଣେ । ଶେଷରେ ଏତିକି କୁହାଯାଇପାରେ ପୌରାଣିକ ଯୁଗରେ ମହିଷାସୁର ଓ ତା'ର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତାମାନଙ୍କ ଅମୃତ ମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ । ସାର୍ଥକ ହେବ ନାରୀଜାତିର ପ୍ରତିକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ*
*କଲୋନୀ, ଦେଉଳ ସାହି, ତୁଳସୀପୁର,*
*କଟକ,*

# 'ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍‌ସୁ...'



ପୁଷ୍ପମିତ୍ର ମହାପାତ୍ର

'ମା'– ଶବ୍ଦରେ ଭରିରହିଛି ଅମୃତର ଉସ୍ୱାସ । ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ । ମା' ବାରମ୍ବାର ଆବିର୍ଭୁତା ହୁଅନ୍ତି ସନ୍ତାନର ଅକୁଳ ପ୍ରାର୍ଥନାରେ । ମା'ର ଇଚ୍ଛା ସଦା ପୂର୍ଣ୍ଣହୁଏ । ସେ ଶକ୍ତିସ୍ୱରୂପିଣୀ । ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା । ଏ ଶରୀର ମଧ ଶକ୍ତି ବିନା ଜଡ଼ । ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ । ଶକ୍ତି, ଜଡ଼ରେ ଚୈତନ୍ୟସ । ଆଣେ । ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଲେ । ଗୋଟି ଗୋଟି କରି ରାକ୍ଷସମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ । କ୍ରମାନ୍ୱୟରେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ନିଶୁମ୍ଭ ଓ ଶୁମ୍ଭଆଦି ରାକ୍ଷସମାନଙ୍କୁ ବଧ କରି ଶାନ୍ତି ପ୍ରତିଷ୍ଠା କରିବାରେ ମା'ଙ୍କ ଭୂମିକା ଅତୁଳନୀୟ । ଚଣ୍ଡ-ମୁଣ୍ଡ ଥିଲେ ମହିଷାସୁରର ଚର । ଚଣ୍ଡ-ମୁଣ୍ଡ ଦେବୀ ଦୁର୍ଗାଙ୍କୁ ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରକୁ ସମ୍ବାଦ ଦେଇଥିଲେ ଯେ ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍ । ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ-ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀକୁ ଡକାଇ ଆଣିବା ପାଇଁ । ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ । 'ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ ବ୍ୟପୋହତି । ଯୋ ମେ ପ୍ରତିବଳୋ ଲୋକେ ସମେ ଭର୍ତ୍ତା ଭବିଷ୍ୟତି ।।' ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ ସେ ହିଁ ମୋତେ ବିବାହ କରିବ । ଏଭଳି ସର୍ତ୍ତଶୁଣି ମହିଷାସୁର ପରିହାସ କରିଥିଲା । ଚଣ୍ଡ-ମୁଣ୍ଡଙ୍କ ଜରିଆରେ ଭୋଗକରିବାକୁ ସ୍ୱପ୍ନଦେଖିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା । ପରେ ପରେ ପ୍ରେରଣକଲା ରକ୍ତବୀଜକୁ । ଯାହାର ରକ୍ତ ବୀର୍ଯ୍ୟପରି କ୍ରିୟାଶୀଳ । ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟିହୋଇଯାଉଥିଲା । ଦେବୀ ତାକୁ ମଧ ବିନାଶ କଲେ । ଶେଷରେ ମହିଷାସୁରକୁ ମଧ ବିନାଶକଲେ । ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତିହେବାର ବର୍ଣ୍ଣନା ମଧ୍ୟରେ ଏକ ସମ୍ପ୍ରତି ସମାଜୋପଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ । 'ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍‌ସୁ...' ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ । ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ । ଏହି ଅନୁସାରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀର ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ପର୍ଯ୍ୟନ୍ତ ଦୁର୍ଗାପୂଜା କରାଯାଇଥାଏ । ଏହା ଷୋଡ଼ଶ ଦିବସ ବ୍ୟାପୀ ଦୁର୍ଗାପୂଜା । ଏହା ବ୍ୟତୀତ ନଅଦିନ, ପାଞ୍ଚଦିନ, ତିନିଦିନ, ଦୁଇ ଦିନ ଓ ଏକ ଦିନ ଦୁର୍ଗାପୂଜା ମଧ ହୋଇଥାଏ । ମାତ୍ର ଷୋଡ଼ଶ ଦିବସବ୍ୟାପୀ ଦୁର୍ଗାପୂଜା ସେ ସବୁ ମଧ୍ୟରେ ଶ୍ରେଷ୍ଠ । ଦେବୀପୀଠ ମାନଙ୍କରେ ବିଧିମତେ ଦୁର୍ଗୋତ୍ସବ ପାଳିତ ହେବା ସହିତ, ଏହି ଅବଧି ମଧ୍ୟରେ ଦେବୀଙ୍କର ବିଭିନ୍ନ ବେଶ ସଂପନ୍ନ ହୋଇଥାଏ । ଏହାର କିନ୍ତୁ ନିର୍ଦ୍ଧାରିତ ନିୟମ ନାହିଁ । ଏଣୁ ପରମ୍ପରା ଅନୁସାରେ ବା ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଦେବୀପୀଠରେ ଏହି ବେଶରେ ସଂଖ୍ୟା ଓ ପ୍ରକାର ଭିନ୍ନ ଭିନ୍ନ ହୋଇଥାଏ । ମୂଳାଷ୍ଟମୀରୁ ମହାଷ୍ଟମୀ – ଷୋହଳ ଦିନରେ ଷୋହଳ ପ୍ରକାରର ବେଶ ହେଉଥିବା ଦେବୀ ମାନଙ୍କ ମଧ୍ୟରେ କଟକ ଚଣ୍ଡୀ ଓ କଟକର ଗଡ଼ଚଣ୍ଡୀ ପ୍ରସିଦ୍ଧ । ଏହି ଷୋହଳ ଦିନ ମଧ୍ୟରୁ ପ୍ରଥମ ଆଠଦିନ ଯଥାକ୍ରମେ କଟକ ଚଣ୍ଡୀଙ୍କର ସୁନାବେଶ, ଭୁବନେଶ୍ୱରୀ ବେଶ, ଉଗ୍ରତାର ବେଶ, ତ୍ରିପୁର ଭୈରବୀ ବେଶ, ସିଦ୍ଧେଶ୍ୱରୀ ବେଶ, ନାରାୟଣୀ ବେଶ, ରାଜରାଜେଶ୍ୱରୀ ବେଶ ଓ ମାତଙ୍ଗୀ ବେଶ ହେବା ପରେ, ଶୁକ୍ଳ ପ୍ରତିପଦା ଦିନ ଜଗଦ୍ଧାତ୍ରୀ ବେଶ ହୋଇଥାଏ । ଏହା ନବଦିନ ବ୍ୟାପୀ ଦୁର୍ଗାପୂଜା ବା ନବରାତ୍ରର ପ୍ରଥମ ଦିନ । ଏହାପରେ ଦ୍ୱିତୀୟା ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସାତଦିନ ଯଥାକ୍ରମେ ତାଙ୍କର ଜୟଦୁର୍ଗା ବେଶ, ଷୋଡ଼ଶୀ ବେଶ, ହରଚଣ୍ଡୀ ବେଶ, ବନଦୁର୍ଗା ବେଶ, ଗାୟତ୍ରୀ ବେଶ, ବଗଳାମୁଖୀ ବେଶ ଓ ମହାକାଳୀ ବେଶ ହୋଇଥାଏ । ମହାଷ୍ଟମୀର ମହାକାଳୀ ବେଶ ପରେ ମହାନବମୀ ଦିନ ମହାଲକ୍ଷ୍ମୀ ବେଶ, ବିଶ୍ରାମଦିନ ମହାସରସ୍ୱତୀ ବେଶ ଏବଂ ବିଜୟା ଦଶମୀରେ ଦେବୀଙ୍କର ମହିଷମର୍ଦ୍ଦିନୀ ବେଶ ହୋଇଥାଏ । ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିରୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଞ୍ଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । ଶେଷରେ ଏତିକି କୁହାଯାଇପାରେ ପୌରାଣିକ ଯୁଗରେ ମହିଷାସୁର ଓ ତା'ର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତାମାନଙ୍କ ଅମୃତ ମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ । ସାର୍ଥକ ହେବ ନାରୀଜାତିର ପ୍ରତିକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ ।

*ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ,*
*ଦୂରଭାଷ : ୯୪୩୭୨୨୫୬୮୯*

# ପୁରାଣରେ ମା' ଦୁର୍ଗା



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ହିନ୍ଦୁ ପୁରାଣ ଓ ଲୋକ ମାନ୍ୟତା ଅନୁଯାୟୀ ନବରାତ୍ର ଏବଂ ବିଜୟାଦଶମୀକୁ ନେଇ ଅନେକ ବିଶ୍ୱାସ ରହିଛି । ତେବେ ସେ ସବୁର ମୂଳ କଥା ସତ୍ୟ ଉପରେ ଅସତ୍ୟର ବିଜୟ । ତା ହେଲେ ଆସନ୍ତୁ ଜାଣିବା ଏ ସମ୍ପର୍କିତ କିଛି କାହାଣୀ ।

ମହିଷାସୁର ଓ ଦେବୀ ଦୁର୍ଗା : ହିନ୍ଦୁ ପୁରାଣ ଅନୁଯାୟୀ ମହିଷାସୁର ନାମକ ରାକ୍ଷସ ନିଜର ତପସ୍ୟାରେ ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରି କୌଣସି ମଣିଷ ବା ଦେବତାଙ୍କ ଦ୍ୱାରା ହତ ନହେବାର ବର ପ୍ରାପ୍ତ ହେଲା । ଏହି ଅମୂଲ୍ୟ ବର ମିଳିବା ପରେ ସେ ଶକ୍ତିରେ ମତ ହୋଇ ନିଜକୁ ସର୍ବଶକ୍ତିମାନ ମନେ କଲା । ଏହାପରେ ସେ ତିନିଲୋକରେ ଆତଙ୍କର ବାତାବରଣ ସୃଷ୍ଟି କଲା । ପାତାଳ ଓ ପୃଥିବୀ ଉପରେ ବିଜୟ ଲାଭ କରିବା ପରେ ସେ ଇନ୍ଦ୍ରଲୋକ ଅଧିକାର କରିବା ପାଇଁ ବାହାରିଲା । ସ୍ୱର୍ଗରୁ ସବୁ ଦେବତାଙ୍କୁ ବିତାଡ଼ିତ କରିଦେଲା । ଦେବତାମାନେ ବ୍ରହ୍ମ, ବିଷ୍ଣୁ ଓ ମହେଶ୍ୱରଙ୍କ ଶରଣ ପସିଲେ । ସେମାନଙ୍କ ଗୁହାରି ଶୁଣି ବିଷ୍ଣୁ ଏବଂ ଶିବ ନିଜର ଶକ୍ତିକୁ ଏକାଠି କରି ଜଣେ ଶକ୍ତିଶାଳୀ ଦେବୀ ସୃଷ୍ଟି କଲେ । ତ୍ରିଦେବଙ୍କ ବ୍ୟତୀତ ଯମ, ଚନ୍ଦ୍ରମା, ଇନ୍ଦ୍ର, ବରୁଣ, ସୂର୍ଯ୍ୟ ଆଦି ଅନେକ ଦେବତା ନିଜର ଶକ୍ତି ଏବଂ ଅସ୍ତ୍ର ପ୍ରଦାନ କଲେ ଉକ୍ତ ଦେବୀଙ୍କୁ । ଦେବତାମାନଙ୍କ ଶକ୍ତିରୁ ସୃଷ୍ଟି ହୋଇଥିବାରୁ ତାଙ୍କ ନାମ ରଖାଗଲା ଶକ୍ତି ବା ଦୁର୍ଗା ।

ଦୁର୍ଗାଙ୍କୁ ଦେଖିବା ପରେ ତାଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ମହିଷାସୁର ତାଙ୍କୁ ବିବାହ କରିବାକୁ ଚାହିଁଲା । ଦୁର୍ଗା କହିଲେ, ମତେ ଯୁଦ୍ଧରେ ପରାସ୍ତ କଲେ ମୁଁ ବିବାହ କରିବି । ଯୁଦ୍ଧ ଆରମ୍ଭ ହେଲା ଏବଂ ନଅଦିନ ଚାଲିଲା । ଶେଷରେ ମହିଷାସୁର ପରାସ୍ତ ହେଲା । ଦୁର୍ଗା ନିଜ ବାମଗୋଡ଼ରେ ମହିଷାକୁ ମାଡ଼ିବସି ତ୍ରିଶୂଳରେ ତା'ର ଛାତିକୁ ବିଦ୍ଧ କଲେ । ଏହି ୯ଦିନର ଯୁଦ୍ଧ ନବରାତ୍ର ଭାବରେ ଖ୍ୟାତ । ଦଶମ ଦିନ ବିଜୟର ଖୁସିରେ ଦେବତାମାନେ ବିଜୟା ଦଶମୀ ମନାଇଲେ ।

ଅମ୍ବିକା ଓ ଶୁମ୍ଭ-ନିଶୁମ୍ଭ : ଏହାପରେ ପୁଣିଥରେ ଶୁମ୍ଭ-ନିଶୁମ୍ଭ ନାମକ ଦୁଇଜଣ ରାକ୍ଷସ ପ୍ରବଳ ଶକ୍ତିଶାଳୀ ହୋଇ ଦେବତାମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ପରାସ୍ତ କଲେ । ଦେବତାମାନେ ପୁଣିଥରେ ଦେବୀଙ୍କ ଶରଣାପନ୍ନ ହେଲେ । ଏଥର ଦେବୀ କୌଶିକା ଦୁର୍ଗା ବା ଅମ୍ବିକାଙ୍କ ରୂପ ନେଲେ । ଅମ୍ବିକାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ରାକ୍ଷସମାନେ ତାଙ୍କୁ ବିବାହ କରିବାକୁ ଚାହିଁଲେ । ଦେବୀ କହିଲେ, ଯିଏ ମୋତେ ଯୁଦ୍ଧରେ ପରାସ୍ତ କରିବ ମୁଁ ତାକୁ ବିବାହ କରିବି । ଦେବୀଙ୍କୁ ବିବାହ କରିବା ପାଇଁ ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀଜ ଆଦି ରାକ୍ଷସମାନେ ତାଙ୍କ ସହ ଯୁଦ୍ଧ କରି ମୃତ୍ୟୁବରଣ କଲେ । ଶେଷରେ ଆସିଲେ ଶୁମ୍ଭ ଓ ନିଶୁମ୍ଭ । ଦେବୀ ସେମାନଙ୍କୁ ମଧ ହତ୍ୟା କଲେ । ଏହି ଦିନ ଥିଲା ବିଜୟା ଦଶମୀ ।

ଚାମୁଣ୍ଡା : ଦୁର୍ଗାଙ୍କ ମଥାରୁ ଭୟଙ୍କର ଏବଂ କୃଷ୍ଣବର୍ଣ୍ଣା ଦେବୀ କାଳୀ ସୃଷ୍ଟି ହେଲେ । ଚଣ୍ଡ ଓ ମୁଣ୍ଡଙ୍କ ଶୀରଚ୍ଛେଦ କରିଥିବାରୁ ସେ ଚାମୁଣ୍ଡା ଭାବରେ ଖ୍ୟାତ ହେଲେ । କିନ୍ତୁ ଦେବୀ ଯେତେବେଳେ ରକ୍ତବୀଜ ସହ ଲଢ଼ିଲେ ସେତେବେଳେ ତାଙ୍କୁ ଅଧିକ କଷ୍ଟ କରିବାକୁ ପଡ଼ିଲା । କାରଣ ରକ୍ତବୀଜର ଶରୀରରୁ ବାହାରୁଥିବା ରକ୍ତ ବୁନ୍ଦା ଭୂମିସ୍ପର୍ଶ କରିବା ମାତ୍ରେ ଆଉ ଏକ ରାକ୍ଷସ ସୃଷ୍ଟି ହେଉଥିଲା । ଏହିଠାରେ କାଳୀ ଦୁର୍ଗାଙ୍କୁ ସହଯୋଗ ଦେଇଥିଲେ ରକ୍ତବୀଜ ଦେହରୁ ବୋହୁଥିବା ସବୁ ରକ୍ତକୁ ଶୋଷିନେଇ କାଳୀ ଝରୁଥିବା ରକ୍ତ ଶୋଷିନେବାରୁ ଆଉ ଏକ ରକ୍ତବୀଜ ସୃଷ୍ଟି ହୋଇପାରୁନଥିଲା । ଫଳରେ ଦୁର୍ଗା ରକ୍ତବୀଜଙ୍କୁ ହତ୍ୟା କରିପାରିଲେ । ନିଶୁମ୍ଭକୁ ହତ୍ୟା କରିବା ପରେ ଦେବୀ ଅନ୍ୟର ସାହାର୍ଯ୍ୟ ନେଉଛନ୍ତି ବୋଲି ଶୁମ୍ଭ ଅଭିଯୋଗ କଲା । ଏହାପରେ ଦେବୀ ନିଜର ଶକ୍ତିମାନଙ୍କୁ ଏକାଠି କରି ନିଜ ଶହ ମିଶାଇ ଦେଲେ ଏବଂ ଯୁଦ୍ଧରେ ଶୁମ୍ଭକୁ ହତ୍ୟା କଲେ ।

ପ୍ରତି ଯୁଗରେ ଦୁର୍ଗା : ହିନ୍ଦୁପୁରାଣ ଅନୁଯାୟୀ ପ୍ରତ୍ୟେକ ଯୁଗରେ ଶକ୍ତି ଆରାଧନାର ପରମ୍ପରା ରହିଛି । ବିଭିନ୍ନ ଯୁଗରେ ଶକ୍ତି ଆରାଧନା ସଂପର୍କରେ ମାର୍କଣ୍ଡେୟ ପୁରାଣରେ ବର୍ଣ୍ଣିତ ହୋଇଛି । ଏହି ପୁରାଣ ଅନୁଯାୟୀ ସତ୍ୟଯୁଗରେ ରାଜା ସୁରଥ ନିଜର ଆଧ୍ୟାତ୍ମିକ ମାର୍ଗଦର୍ଶକ ମହର୍ଷି ମେଧାଙ୍କ ପରାମର୍ଶକ୍ରମେ ଦୁର୍ଗାଙ୍କୁ ତପସ୍ୟା କରି ନିଜର ହୃତ ସାମ୍ରାଜ୍ୟ ଫେରି ପାଇଥିଲେ । ତ୍ରେତୟା ଯୁଗରେ ଜନକନନ୍ଦିନୀ ସୀତା ରାମଚନ୍ଦ୍ରଙ୍କୁ ସ୍ୱାମୀ ରୂପରେ ପାଇବା ପାଇଁ ଦେବୀ ବିରଜାଙ୍କୁ ପୂଜା କରିଥିଲେ । ଦ୍ୱାପର ଯୁଗରେ ଗୋପୀମାନେ କାତ୍ୟାୟନୀ ଦେବୀଙ୍କୁ ଆରାଧନା କରି ଭଗବାନ କୃଷ୍ଣଙ୍କୁ ନିଜର ଆଧ୍ୟାତ୍ମିକ ପ୍ରେମିକ ଭାବରେ ପାଇଥିଲେ । ଦୁର୍ଗାଙ୍କ ଆଶୀର୍ବାଦରୁ ରୁକ୍ମିଣୀ ଭଗବାନ କୃଷ୍ଣଙ୍କୁ ବିବାହ କଲେ ଏବଂ କୃଷ୍ଣ ଶିଶୁପାଳକୁ ପରାସ୍ତ କଲେ । କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ପୂର୍ବରୁ କୃଷ୍ଣଙ୍କ ଉପଦେଶକ୍ରମେ ଅର୍ଜୁନ ଦେବୀ ଦୁର୍ଗାଙ୍କୁ ଆରାଧନା କରି ତାଙ୍କ ଠାରୁ କର୍ଣ୍ଣ ଉପରେ ବିଜୟର ବର ପ୍ରାପ୍ତ ହୋଇଥିଲେ । କଳିଯୁଗରେ ରାମକୃଷ୍ଣ ପରମହଂସ ଏବଂ ନିଗମାନନ୍ଦଙ୍କ ପରି ମହାନ୍ ସାଧକ ଏବଂ ଆଧ୍ୟାତ୍ମିକ ଗୁରୁମାନେ ଦେବୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥିବାର ଜଣାଯାଇଛି ।

ଦୁର୍ଗା ଓ କଂସ : ଯେତେବେଳେ କଂସର ବନ୍ଦୀଶାଳାରେ କୃଷ୍ଣ ଜନ୍ମ ହେଲେ ସେତେବେଳେ ନନ୍ଦପୁରରେ ଯଶୋଦାଙ୍କ କୋଳରେ ଦୁର୍ଗା କାତ୍ୟାୟନୀ ରୂପରେ ଜନ୍ମ ନେଲେ । ବସୁଦେବ ଶିଶୁ କୃଷ୍ଣଙ୍କୁ ଯଶୋଦାଙ୍କ କୋଳରେ ଦେଇ କାତ୍ୟାୟିନୀଙ୍କୁ ନେଇ ମଥୁରା ଫେରିଲେ । କଂସ ପାଖରେ ଦେବକୀଙ୍କ ସନ୍ତାନ ଜନ୍ମର ଖବର ପହ ୍ବା ମାତ୍ରେ ସେ ସେଠାରେ ପହଞ୍ଚି ଶିଶୁକନ୍ୟାକୁ ଶିଳାରେ ପିଟି ମାରିବାକୁ ଚେଷ୍ଟା କଲା । କିନ୍ତୁ କାତ୍ୟାୟନୀ ତଳେ ନପଡ଼ି ଉପରକୁ ଉଠିଲେ ଏବଂ କଂସକୁ ଜଣାଇଲେ ସେ ଦୁର୍ଗା । ଏଥିସହ କୃଷ୍ଣଙ୍କ ଦ୍ୱାରା ନିହତ ନହେବା ପାଇଁ ନିଜକୁ ବଦଳାଇବାକୁ ସେ କଂସକୁ ସତର୍କ କରିଦେଲେ ।

ରାମ ଓ ଦେବୀ ଦୁର୍ଗା : ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାବଣ ସହ ଯୁଦ୍ଧ କରିବା ପୂର୍ବରୁ ରାମ ଦୁର୍ଗାଙ୍କ ଆଶୀର୍ବାଦ ନେଇଥିଲେ । ଦୁର୍ଗାଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କୁ ୧୦୮ଟି ନୀଳ ପଦ୍ମ ଆବଶ୍ୟକ ଥିଲା, କିନ୍ତୁ ୧୦୭ଟି ମିଳିଲା । ଅବଶିଷ୍ଟ ଗୋଟିଏ ପଦ୍ମ ପାଇଁ ରାମ ନିଜର ନୀଳ ନୟନ ଦେବୀ ଦୁର୍ଗାଙ୍କୁ ଅର୍ପଣ କରିବାକୁ ଉଦ୍ୟତ ହେଲେ । ରାମଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କୁ ବିଜୟର ବରଦାନ ଦେଲେ । ରାବଣ ଅଷ୍ଟମୀ ଓ ନବମୀ ତିଥିର ସନ୍ଧିକ୍ଷଣରେ ନିହତ ହେଲେ । ବିଜୟା ଦଶମୀ ଦିନ ତାଙ୍କର ଶେଷକୃତ୍ୟ ସମାପନ କରାଗଲା ।

ପାଣ୍ଡବ ଓ ସମୀବୃକ୍ଷ : ବାର ବର୍ଷର ବନବାସ ପରେ ଗୋଟିଏ ସମୀବୃକ୍ଷର କୋରଡ଼ରେ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ରଖି ବର୍ଷକର ଅଜ୍ଞାତବାସ ପାଇଁ ପାଣ୍ଡବମାନେ ବିରାଟ ରାଜାଙ୍କ ରାଜ୍ୟକୁ ପ୍ରବେଶ କଲେ । ଗୋଟିଏ ବର୍ଷ ଶେଷ ହେବା ପରେ ସେମାନେ ସମୀବୃକ୍ଷ କୋରଡ଼ରୁ ଅସ୍ତ୍ରଶସ୍ତ୍ର ବାହାର କରି ନିଜର ପ୍ରକୃତ ପରିଚୟ ଦେଲେ । ଏହି ଦିନ ଥିଲା ଦଶହରା । ସେବେଠାରୁ ଦଶହରା ଦିନରେ ଲୋକମାନେ ପରସ୍ପରକୁ ସମୀପତ୍ର ଦିଅନ୍ତି । ଏହା ଶୁଭେଚ୍ଛା ଓ ବିଜୟର ପ୍ରତୀକ ।

କୌତ୍ସ ଓ ଗୁରୁଦକ୍ଷିଣା : ନିଜର ବିଦ୍ୟା ଗ୍ରହଣ ପରେ ଦେବଦତ୍ତଙ୍କ ପୁଅ କୌତ୍ସ ଗୁରୁ ଭରତେନ୍ଦୁଙ୍କୁ ଗୁରୁଦକ୍ଷିଣା ଦେବାକୁ ବାହାରିଲେ । ଗୁରୁ କୌତ୍ସଙ୍କୁ ଶିଖାଇଥିବା ଚଉଦଟି ବିଜ୍ଞାନ ପାଇଁ ଚଉଦ କୋଟି ସ୍ୱର୍ଣ୍ଣମୁଦ୍ରା ମାଗିଲେ । କୌତ୍ସ ଏହି ଗୁରୁଦକ୍ଷିଣା ମାଗିବା ପାଇଁ ଦାନୀ ରାଜା ରଘୁରାଜଙ୍କ ପାଖକୁ ଗଲେ । କିନ୍ତୁ ସେତେବେଳକୁ ବ୍ରାହ୍ମଣମାନଙ୍କୁ ନିଜର ସବୁ ଧନ ଦାନ କରିସାରିଥିଲେ ରଘୁରାଜ । ତେଣୁ କୌତ୍ସଙ୍କୁ ୧୪ କୋଟି ସ୍ୱର୍ଣ୍ଣମୁଦ୍ରା ଦେବା ପାଇଁ ରଘୁ ଇନ୍ଦ୍ରଙ୍କ ଠାରୁ ଏହା ମାଗିବାକୁ ଗଲେ । ଇନ୍ଦ୍ରଙ୍କ ଆଦେଶକ୍ରମେ କୁବେର ରାଜା ରଘୁଙ୍କ ରାଜ୍ୟ ଅଯୋଧାର ପ୍ରତ୍ୟେକ ଶାନୁ ଏବଂ ଅପତି ଗଛ ଉପରେ ସ୍ୱର୍ଣ୍ଣମୁଦ୍ରା ବର୍ଷା କଲେ । ଏ ସମସ୍ତ ସ୍ୱର୍ଣ୍ଣମୁଦ୍ରା ରଘୁ କୌତ୍ସଙ୍କୁ ପ୍ରଦାନ କଲେ । କୌତ୍ସ ଗୁରୁଙ୍କୁ ୧୪ କୋଟି ସ୍ୱର୍ଣ୍ଣମୁଦ୍ରା ଦେବା ପରେ ବଳକା ମୁଦ୍ରା ଅଯୋଧାବାସୀଙ୍କ ମଧ୍ୟରେ ବାଣ୍ଟିଦେଲେ । ଏହି ଦିନ ଥିଲା ଦଶହରା । ସେବେଠାରୁ ଦଶହରା ଦିନରେ ଅଯୋଧାର ଲୋକମାନେ ଅପତି ଗଛର ପତ୍ର ତୋଳି ପରସ୍ପରକୁ ଉପହାର ଦିଅନ୍ତି ।

*ଶିଖରପୁର ଉପରସାହି, କଟକ*

# ରୂପଂ ଦେହି ଜୟମ୍ ଦେହି ଯଶୋ ଦେହି



ସୌର ଚନ୍ଦ୍ର ମହାପାତ୍ର

ଆଦିଶକ୍ତି ଜଗଦମ୍ବୀଙ୍କ ପରମକୃପା ଲାଭ କରିବା ନିମନ୍ତେ ଶାରଦୀୟ ନବରାତ୍ରୀର ଦୁର୍ଗାଷ୍ଟମୀ ଏବଂ ମହାନବମୀ ପୂଜା ବିଶେଷ ମହତ୍ତ୍ୱ ରଖିଥାଏ । ଏହି ଦୁଇଦିନ କରାଯାଉଥିବା ପୂଜା କଲ୍ୟାଣକାରୀ ଶୁଭ ଏବଂ ମନୋବାଞ୍ଛିତ ଫଳଦାନକାରୀ ହୋଇଥାଏ । ଏହି ଦୁଇ ଦିନ ଦୁର୍ଗା ପୂଜା ଦ୍ୱାରା ଭକ୍ତର ଜୀବନରୁ ସମସ୍ତ କ୍ଳେଶ ଦୂର ହୋଇଥାଏ । ମାତାଙ୍କ ଉପାସନା ଦ୍ୱାରା ଗୃହସ୍ଥ ମନୁଷ୍ୟର ଜୀବନରେ ଧନ, ଐଶ୍ୱର୍ଯ୍ୟ, ପତ୍ନୀ, ପୁତ୍ର-ପୌତ୍ର ଏବଂ ସ୍ୱାସ୍ଥ୍ୟ ଆଦି ସମ୍ପତ୍ତି ଆସିଥାଏ । କେବଳ ସେତିକି ନୁହେଁ ଅଷ୍ଟମୀ ଏବଂ ନବମୀ ପୂଜାର ପୁଣ୍ୟ ବଳରେ ମନୁଷ୍ୟର ଜୀବନରୁ ରୋଗ, ମହାମାରୀ, ବନ୍ୟା, ଦୁର୍ଭିକ୍ଷ, ଶତ୍ରୁ ଭୟ ଭଳି ବିପଦ ଦୂର ହୋଇଥାଏ । ସେଥିପାଇଁ ଏହି ଦୁଇ ଦିନ ମା'ଦୁର୍ଗାଙ୍କ ଶ୍ରଦ୍ଧାର ସହକାରେ ଆରାଧନା କରିବା ଉଚିତ୍ । ଏହି ପୂଜା କେବେ ନିଷ୍ଫଳ ହୁଏନାହିଁ । ଏହି ପୂଜା ସାଧକଙ୍କୁ ସମସ୍ତ ସିଦ୍ଧି ପ୍ରଦାନ କରିଥାଏ । ନବରାତ୍ରୀ ଶବ୍ଦ, ନଅଟି ଅହୋରାତ୍ରର ବୋଧ କରାଇଥାଏ । ଏହି ସମୟରେ ଦେବୀ ଶକ୍ତିଙ୍କ ନଅଟି ସ୍ୱରୂପକୁ ଆରାଧନା କରାଯାଇଥାଏ । ରାତ୍ରୀ ଶବ୍ଦର ଅର୍ଥ ସିଦ୍ଧିକୁ ବୁଝାଇଥାଏ । ଉପାସନା ଏବଂ ସିଦ୍ଧି ନିମନ୍ତେ ଦିନ ଠାରୁ ରାତ୍ରୀ ସମୟର ଅଧିକ ମହତ୍ତ୍ୱ ରହିଛି । ସେଥିପାଇଁ ଅଧିକାଂଶ ପର୍ବପର୍ବାଣୀ ରାତ୍ରୀରେ ହିଁ ପାଳନ କରାଯାଇଥାଏ । ଏହି ପର୍ବରେ ବିଶେଷ ସିଦ୍ଧି ହାସଲ ହେଉଥିବାରୁ ନବରାତ୍ରୀର ଅନେକ ମହତ୍ତ୍ୱ ରହିଛି । ମାତା ଶକ୍ତିଙ୍କୁ ଏହି ପବିତ୍ର ପୂଣ୍ୟମୟ ଅବସରରେ ଧ୍ୟାନ କରିବା ଉଚିତ । ନବରାତ୍ର ଆମ ଶରୀର ଏକ ଉପକ । ଆମ ଶରୀରରେ ନଅଟି ଦ୍ୱାର ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ଏହା ଭିତରେ ରହିଥିବା ଜୀବନୀ ଶକ୍ତିର ନାମ ଦୁର୍ଗା । ମନୁଷ୍ୟ ଶରୀରରେ ଥିବା ମୁଖ୍ୟ ଇନ୍ଦ୍ରିୟଗୁଡ଼ିକୁ ଅନୁଶାସନ, ସ୍ୱଚ୍ଛତା ଏବଂ ପାରସ୍ପରିକ ସାମଞ୍ଜସ୍ୟ ଆଣିବା ନିମନ୍ତେ ନବରାତ୍ର ପର୍ବ ଉତ୍ତମ ଅବସର ଆଣିଥାଏ । ଏହି ନଅ ଦିଅ ମନୁଷ୍ୟର ମନ ଏବଂ ଆତ୍ମା ଶୁଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । କାରଣ ଏହି ସମୟରେ ଦେବୀ ଦୁର୍ଗା ଭକ୍ତ ଉପରେ ନିଜର ଶୁଭ ଦୃଷ୍ଟି ରଖିଥାଆନ୍ତି । ପିଲାଟିଏ ମା' ପାଖରେ ଅଳି କରେ । ବାପା ଅପେକ୍ଷା ମା' ପାଖରେ ସହଜରେ ସେ ନିଜର ସବୁ ସୁବିଧା ଅସୁବିଧା ଜଣାଇ ପାରେ । ଏଇଟା ଦରକାର, ସେଇଟା ମୋର ଦରକାର ବୋଲି ମନଖୋଲି କହିପାରେ । ମା'ମନରେ କୌଣସି ଆବିଳତା ନରଖି ତାକୁ ଆଦର କରେ, ପରାମର୍ଶ ଦିଏ । ନିଜ ସାଧ୍ୟମତେ ସନ୍ତାନକୁ ସବୁ ସୁଖସୁବିଧା ଯୋଗାଇ ଦେବାକୁ ଉଦ୍ୟମ କରେ । ପୁଣି ଆବଶ୍ୟକ ପଡ଼ିଲେ ନିଜ ପଣତକାନିରେ ତାକୁ ଘୋଡେଇ ପକାଇ ଶତ୍ରୁପକ୍ଷ ସାମ୍ନାରେ ନିଜକୁ ରଖେ । ରଣ ହୁଙ୍କାର ଦିଏ ମୋତେ ସାମ୍ନା କର, ମୋ ପିଲାକୁ ନୁହେଁ । ଏପରିକି ମା'ପିଲା ପାଇଁ ମାନ ଅପମାନକୁ ବି ସହିପାରେ ତାର ଅମାପ ଧୈର୍ଯ୍ୟ ଶକ୍ତି ବଳରେ । କିନ୍ତୁ କେହି ଯଦି ତା'ର କିମ୍ବା ଅନ୍ୟର ନାରୀତ୍ୱ ପ୍ରତି ଲୋଲୁପ ଦୃଷ୍ଟି ପକାଏ ସେ ସନ୍ତାନ ହେଲେ ବି କ୍ଷମା ଦେଇପାରେ ନାହିଁ । ଦରକାର ପଡ଼ିଲେ ସେ ହୁଏ ରଣଚଣ୍ଡୀ । ତାକୁ ନିପାତ କରିବାକୁ ବି ପଛାଇ ଯାଏନାହିଁ । ଏହା ହିଁ ତ ମହିଷାସୁର ବଧ ପଛର ମୂଳକଥା । ମହିଷାସୁରର ଅତ୍ୟାଚାରରେ ଜଗତ ତ୍ରାହି ତ୍ରାହି ଡାକୁଥିଲା । ଦେବତା ବି ଏଥିରୁ ବର୍ତ୍ତି ପାରିଲେ ନାହିଁ । ସେମାନଙ୍କୁ ଦାସାନୁଦାସ କରି ଆସ୍ପର୍ଦ୍ଧା ଦେଖାଇ ଚାଲିଥିଲା । ଏହି ଆସ୍ପର୍ଦ୍ଧା ତାର ସୀମା ଅତିକ୍ରମ କଲା । କ୍ଷମତା ତଥା ପରାକ୍ରମ ବଳରେ ସେ ନାରୀ ଭୋଗ ଆଡ଼କୁ ମୁହାଁଇଲା । ଯେଉଁ ଆସ୍ପର୍ଦ୍ଧାକୁ ସହ୍ୟ କରିନଥିଲେ ମା'ଦୁର୍ଗା । ନିଜେ ଓହ୍ଲାଇ ଆସିଲେ ଏହି କଳୁଷରୁ ଜଗତକୁ ଉଦ୍ଧାର କରିବା ପାଇଁ । ନିଜେ ଧାରଣ କଲେ ମୋହିନୀ ରୂପ । ଚଣ୍ଡୀଚାମୁଣ୍ଡାଙ୍କୁ ସଖୀ କରି ବିଚରଣ କଲେ ମହେନ୍ଦ୍ର ପର୍ବତରେ । ମହାମାୟୀଙ୍କ ମହାମାୟାରେ ଯେତେବେଳେ ସଚରାଚର ବଶୀଭୂତ, ସେତେବେଳେ ଛାର ମାତ୍ର ମହିଷାସୁର । ଦର୍ପୀ ମହିଷାସୁର ଖବର ପାଇଲା ଯେ କେହି ଜଣେ ଅତିବ ସୁନ୍ଦରୀ ନାରୀ ଆତଯାତ ହେଉଛନ୍ତି । ତାଙ୍କୁ ସାଦରେ ନିମନ୍ତ୍ରଣ କରି ଆଣିବା ପାଇଁ ନିଜର ସହଚରମାନଙ୍କୁ ପଠାଇଲା । ସହଚର ଚଣ୍ଡମୁଣ୍ଡ, ଶୁମ୍ଭନିଶୁମ୍ଭଙ୍କୁ ଦେବୀ ସାମାନ୍ୟତମ କୌଶଳ ପ୍ରୟୋଗ କରି ନିପାତ କଲେ । ସେହି ନାରୀ ଯେ ସାମାନ୍ୟ ନୁହେଁ, ଜାଣିପାରି ମଧ ମାୟାଗ୍ରସ୍ତ ମହିଷାସୁର ନିଜକୁ ଅଟକାଇ ପାରିଲାନି । ନିଜେ ଗଲା ଦେବୀଙ୍କ ନିକଟକୁ । ସର୍ବଶକ୍ତିର ସମାହାର ଦେବୀ ଦୁର୍ଗା ନିଜର ମୋହିନୀ ଶକ୍ତି ପ୍ରୟୋଗ କରି ଆହୁରି ମୋହଗ୍ରସ୍ତ କରି ମହିଷାସୁରକୁ ପ୍ରଥମେ ଶକ୍ତିହୀନ କରିଦେଲେ । ଦୁର୍ବଳ ମହିଷାସୁର ଛାତିରେ ମା'ତ୍ରିଶୂଳ ଭେଦ କଲେ । ତାର ବଧ ସହିତ ଜଗତବାସୀ ଆଶ୍ୱସ୍ତ ହେଲେ । ଏହା ଆମକୁ ଚେତାଇ ଦିଏ ଯେ, ଅତିଶୟ କାମନା ଅତି ବଳବାନକୁ ବି ଶକ୍ତିହୀନ ବିବସ କରିପକାଇବାକୁ ଯଥେଷ୍ଟ । ଆଜିର ଭୋଗବାଦୀ ଦୁନିଆରେ ଅତିଶୟ କାମନାବାସନାର ରାଜତ୍ୱ । ଏହାର କବଳରେ ପଡ଼ି ନିଜର ହିତାହିତ ଜ୍ଞାନକୁ ଭୁଲି ଯାଉଛନ୍ତି ଅନେକେ । ଯେଉଁଥି ପାଇଁ ପାଶବିକ କାର୍ଯ୍ୟକଳାପ ବଢ଼ିଚାଲିଛି, ନାରୀ ନିର୍ଯାତିତ ହେଉଛି । ମାତୃଜାତିକୁ ଏଥିରୁ ରକ୍ଷା କରିବା ପାଇଁ ଆସନ୍ତୁ ଆମେ ମହାମାୟା ଦେବୀ ଦୁର୍ଗାଙ୍କୁ ସମର୍ପଣର ଭାବ ନେଇ ଆମନ୍ତ୍ରଣ କରିବା ଏହି ଶାରଦୀୟ ପାର୍ବଣ ଅବସରରେ । ମା'ଙ୍କୁ ଆମେ ସନ୍ତାନଗଣ ପ୍ରାର୍ଥନା କରିବା ସବୁ ସୁଖସୁବିଧା ଦିଅନ୍ତୁ । ମାତ୍ର ଏସବୁ ଠିକ ଭାବେ ଉପଭୋଗ କରିବା ଲାଗି ବିବେକ ବି ଦିଅନ୍ତୁ । ଅନ୍ତରରେ କାମନାବାସନା ଧ୍ୱଂସ ସହ ବିବେକ ଉଦ୍ରେକ ନହେଲେ, ସବୁଥାଇ ମହିଷାସୁର ପାଲଟିବା ହିଁ ସାର ହେବ । ଯାହା ଆଜିର ଦୁନିଆରେ ଦେଖାଯାଉଛି । ଏଣୁ ମାତୃଚରଣରେ ବନ୍ଦନା କରି ଗାଇବା । ମହିଷାସୁର – ନିର୍ଣ୍ଣାଶୀ ଭକ୍ତାନାମ୍ ସୁଖଦେ ନମଃ, ରୂପଂ ଦେହି ଜୟମ୍ ଦେହି ଯଶୋ ଦେହି । ଦ୍ୱିଷୋ ଜହି ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ,*
*ଦୂରଭାଷ : ୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି,*
*ସେକ୍ଟର-୬, କଟକ*

# ସାହିତ୍ୟ ଦର୍ପଣ



# ପ୍ରତୀକ୍ଷିତ ପ୍ରେମ



ସୁଦର୍ଶନ ମହାପାତ୍ର

ମୋ ଚାକିରି ଜୀବନ ସରିଲା ବେଳକୁ ଅବସର ଜୀବନ ଅତିବାହିତ କରିବାକୁ ସ୍ୱାଭାବିକ ଭାବେ ମୋ ଜନ୍ମସ୍ଥାନ ଗାଆଁକୁ ହିଁ ପସନ୍ଦ କରିଥିଲି। ଗାଁ ପ୍ରତି ମୋର ଦୁର୍ବାର ଆକର୍ଷଣ ସବୁ ସମୟରେ।ଆମ ଗାଁ ନଈପଠା,ଝଙ୍କା ବରଗଛ, ଧାନଧାୟୀ ଗ୍ରାମଦେବତୀ, ସବୁଜ କ୍ଷେତ,ମାଳିବନ୍ଧ, ଦୋଳ ପୂର୍ଣ୍ଣିମା, ଭାଗବତ ସପ୍ତାହ, ହରିହାଟ, ଭାଇଚାରା ଇତ୍ୟାଦି ସଜଳ ସକାଳ ପରି ବିଭୋର ବିଭୋର !

ସବୁଠୁ ଭଲ ଲାଗନ୍ତି ପୁଣି ମୋର ପିଲାଦିନ ସାଙ୍ଗମାନେ। ସେମାନଙ୍କ ମଧ୍ୟରୁ ମଥୁରା,ନବ, ଭୁବନ ଅକସ୍ମାତ ଚାଲିଗଲେ ପରପାରିକୁ। ହେଲେ ଏବେ ବି ବରାହ, ନନ୍ଦ, ଟୁକୁନା, ବାବୁ, ନଟା,ବୟା ଆଦି ସାଙ୍ଗମାନଙ୍କ ସହିତ ଯୋଗାଯୋଗ ଅଛି। ହାଇସ୍କୁଲ ସାଙ୍ଗମାନଙ୍କ ମଧ୍ୟରୁ ପାଖ ଗାଆଁ ର ସଞ୍ଜୟ, ରଞ୍ଜନ ଆଦି ସାଙ୍ଗମାନେ ଆମ ଘରପାଖରେ ଆସି ପହଁଚି ଯାଆନ୍ତି ମୋ ଉପସ୍ଥିତରେ ।

ଗାଆଁ ରେ ରହନ୍ତି ମୋ ସାନଭାଇର ପରିବାର।ମୁଁ ଚାକିରୀ ସମୟ ମଧ୍ୟରେ ବିପତ୍ନୀକ ହୋଇ ସାରିଥିଲି । ଝିଅ ବାହାଘର ସାରିଥିଲି ଏବଂ ପୁଅ ଦୂର ସହରରେ ତା ଚାକିରୀ ଜାଗାରେ ସ୍ଥାୟୀ ଭାବରେ ଅବସ୍ଥାନ କରୁଥିଲା।

ଅବସରପ୍ରାପ୍ତ ଜଣେ ବ୍ୟକ୍ତିଙ୍କୁ ଗାଆଁ ରେ ସ୍ୱାଗତମ କରିବାକୁ ସବୁ ବନ୍ଧୁ ମାନଙ୍କ ସହିତ ମୋ ଗାଁ ପାଣି, ପବନ,ନଈ ଯେମିତି ପ୍ରତୀକ୍ଷିତ ଥିଲେ। ଏକ ଭବ୍ୟ ଭୋଜିର ଆୟୋଜନ କରିଥିଲେ ଅନ୍ତରଙ୍ଗ ସାଙ୍ଗମାନେ ଆମ ଗାଁ ଶେଷ ମୁଣ୍ଡ ସେଇ ନିଛାଟିଆ ମାଳିବନ୍ଧରେ। ମୁଁ ଅନାୟାସରେ ପିଲାଦିନର ସ୍ମୃତିରେ ମସଗୁଲ୍ ହୋଇ ଯାଇଥିଲି।

ହଠାତ୍ ଅଦିନିଆ ବର୍ଷା ଆଗମନରେ ମୋର ବର୍ଷା ଦାସ କଥା ବେଶି ମନେପଡିଲା। କାରଣ ବର୍ଷାକୁ ବି ବର୍ଷା ଦାସ ବେଶ୍ ଭଲ ପାଉଥିଲା । ବର୍ଷା ଦାସ ସହିତ ମୋର ଯେତେବେଳେ ସମ୍ପର୍କ ହେଲା ଋତୁଟା ବି ବର୍ଷା ଋତୁ ଥିଲା । ମୋ ଶୁଖିଲା ଛାତି ବର୍ଷା ସହ ବର୍ଷା ଦାସକୁ ଅପେକ୍ଷା କରୁଥିଲା... !

ଭୋଜିଭାତ ଭିତରେ ଧିରେ ଧିରେ ଉଜ୍ଜୀବିତ ହୋଇ ଉଠିଲା ମୋର ଅଧା ଅଧୁରା ପ୍ରେମ କାହାଣୀ ର ସ୍ମୃତି।

ବର୍ଷା ଦିନେ ଥରେ ସ୍କୁଲରୁ ଫେରୁଫେରୁ ବର୍ଷା ଦାସ ସହ ଭେଟ।ତା'ର ହସ ଯେମିତି ବର୍ଷା ପରି ରିମଝିମ୍ । ଚିକ ଚିକ ଦାନ୍ତ ପଂକ୍ତି ବିଜୁଳି ଭଳି ଚିକମିକ।କଳା ବାଦଲ ପରି କେଶ। ଉସା ବାଦଲର ଚାଲି । ବର୍ଷା ଦାସ କୁ ମୁଁ ଭଲପାଇଲି ନା ସେ ମୋତେ ଭଲପାଇଲା ବର୍ଷା ହିଁ ତା'ର ଉତ୍ତର ଦେଇ ପାରିବ। ବର୍ଷାକୁ ମୋର ଡର ନୁହେଁ ଡର ଘଡଘଡିକୁ । ବର୍ଷା ଦିନେ ସ୍କୁଲ ଗଲାବେଳକୁ ବୋଉ କୁହେ : ବିଜୁଳି ଘଡଘଡି ମାରିଲେ ସ୍କୁଲରୁ ଆସିବୁ ନାହିଁ । ଯଦି ଆସିଥିବୁ ବାଟରେ କେଉଁଠି ରହିଯିବୁ।

ସେଦିନ ବର୍ଷାରେ ବାଟରେ ରହିଯାଇଥିଲି। ବର୍ଷା ଟୋପା ପଡୁଥିଲା ସତ,ବିଜୁଳି ଘଡଘଡି ନଥିଲା। ବର୍ଷା ଦାସ ମୋ ପଛେ ପଛେ ଆସି ଯେତେବେଳେ ଓଦା ହୋଇ ଛାତିରେ ବହି ଜାକି ମୋ ପାଖରେ ଛିଡାହୋଇଗଲା, କେଉଁଠି ଥିଲା ବର୍ଷା ଆହୁରି କାଢ଼ିଲା। ତା ସାଙ୍ଗଙ୍କୁ ବିଜୁଳି ଘଡଘଡି ।ପ୍ରାୟ ଘଂଟାଏ ହେବ। ସମୟ ଗଡୁଥିଲା।ପେଟଭିତରେ ଭୋକ ଭିଡିମୋଡି ହେଉଥିଲା।

ବର୍ଷା ମୋତେ କଣେଇ କଣେଇ ଚାହୁଁଥିଲା । ବୋଧେ ଗୋଟାଏ କିଛି ଉପାୟ ବାହାର କରିବାକୁ ସେ ମୋତେ ମନେ ମନେ କହିବ ବୋଲି ଭାବୁଥିଲା । ମୁଁ ତାକୁ ମଝିରେ ମଝିରେ ଚାହୁଁଥିଲି କ୍ଷ ବର୍ଷାର ଆକାଶ ପରି ତାର ମୁହଁ ।କିନ୍ତୁ ଆଖିରେ ଥିଲା ବିଜୁଳିର ଚମକ।ଯେଉଁ ପରିତ୍ୟକ୍ତ ଭଙ୍ଗା ଚାଳିଆ ଘରଟା ନଈ କୂଳେ ଫସଲ ଜଗିବା ପାଇଁ ହୋଇ ଅବ୍ୟବହୃତ ଥିଲା ।ସେଇଠି ଆମେ ଦୁହେଁ ଛିଡା ହୋଇଥିଲୁ।ଉପରୁ ଅଧିକାଂଶ ଜାଗାରୁ ପାଣି ଗଳୁଥିଲା । ବହିକୁ ସୁରକ୍ଷିତ ରଖିବା ପାଇଁ ସିଏ ଏବଂ ମୁଁ ପାଣି ପଡୁନଥିବା ସ୍ଥାନରେ ଛିଡା ହୋଇଥିଲୁ । ଅତି ପାଖକୁ ଯଦିଓ ନୁହେଁ, ପ୍ରାୟ ପାଖାପାଖି । ସିଏ ତଳକୁ ମୁହଁ ପୋତି ମଝିରେ ମଝିରେ ବାହାରେ ହେଉଥିବା ବର୍ଷାକୁ ଚାହିଁ ମୋତେ ଚାହୁଁଥିଲା। ସେଇ ସମୟରେ ଏତେ ଜୋରରେ ବିଜୁଳି ଟାଏ ମାରିଲାଯେ ସେ ମୋ ପାଖକୁ ଆଉ ଟିକିଏ ଘୁଂଚି ଆସି ଘଡ ଘଡି ମାରିବା ପୂର୍ବରୁ କାନରେ ହାତ ଦେବାକୁ ଗଲାବେଳେ ତା ଛାତିକୁ ଜଡ଼ାଇ ଧରିଥିବା ବହି ଗୁଡାକ ତଳକୁ ଖସିପଡ଼ିଲେ । ରକ୍ଷା, ଚାଳିଆର ସେତିକ ଜାଗା ଭିଜି ନଥିଲା । ମୁଁ ତଳକୁ ନଇଁ ତା ବହିକୁ ଉଠାଇଲା ବେଳେ ସେ ଏଥର ମୁହଁ ଖୋଲିଲା ।

-'ଏ ବର୍ଷା ଛାଡିବନି । ଯିବା କେମିତି ?'

ବହି ଉଠାଇ ମୁଁ ତା ହାତକୁ ଧରାଇ କହିଲି -'ତୁମେ ଏଇ 'ବର୍ଷା ବସନ୍ତ ବୈଶାଖ' ପଢୁଛ କି ? ଏଇ ଉପନ୍ୟାସଟିକୁ ମୁଁ ପଢ଼ିବାକୁ ସୁଯୋଗ ଖୋଜୁଥିଲି। ପଢି ସାରିଲେ ମୋତେ ଦବ ?'

-' ଏବେ ନବ ଯଦି ନେଇ ଯା। କାଲି ରବିବାର। ଆଜି ଆଉ କାଲି ଭିତରେ ବହିଟାକୁ ପଢି ଶେଷ କରିଦେଇ ମୋତେ ସୋମବାର ଦିନ ଫେରେଇବ। ଏଇଟା ଆମ ପଡ଼ିଶା ଘରର ନୂଆ ଭାଉଜଙ୍କ ଠାରୁ ମାଗି ଆଣିଛି।'

ଏତିକି କହି ମୋତେ ସେ ଏମିତି ଚାହିଁଲା ଯେମିତି ମୋ ଛାତିକୁ ବିଜୁଳି ମାରିଲା।

ସେ ପଚାରିଲା : ତୁମ ନାଁ ?

ମୁଁ ମୋ ନାଁ କହିଲାପରେ ସେ କହି ଆସୁଥିଲା ତା ନାଁ ବର୍ଷା ବୋଲି । ମୁଁ କିନ୍ତୁ ଆଗତୁରା କହିଦେଲି ତୁମ ନାଁ ବର୍ଷା ବୋଲି ମୁଁ ଜାଣେ ।

: କେମିତି ଜାଣିଲ ? ସେ ପଚାରିଲା ।

ତା' ପ୍ରଶ୍ନର ଉତ୍ତର କିନ୍ତୁ ମୁଁ ଦେଇ ପାରିଲି ନାହିଁ । ଭାବୁଥିଲି ସୁନ୍ଦରୀ ଝିଅଙ୍କ ନାଁ ତ ସବୁ ପୁଅଙ୍କ ମୁହଁରେ ପ୍ରାୟ ଥାଏ । ହେଉ ପଛେ ଅଲଗା ସେକ୍ସନ। ଏଇ କଥାଟା କଣ ପଚାରିବା କଥା !

କିଛି ସମୟ ଆମେ ଦୁହେଁ ଚୁପଚାପ ଥିଲୁ । ଖାଲି ତୁହାକୁ ତୁହା ଯାହା ବର୍ଷା ଓ ପବନର ସ୍ୱର ଶୁଭୁଥିଲା।

-' ତୁମ ବାପା ଆର୍ମିରେ ଅଛନ୍ତି।'

-' ଦେଖୁଛି ସବୁତ ତୁମକୁ ମୋ ବିଷୟରେ ଜଣା ।ଆଉ କଣ ମୋ ବିଷୟରେ ଜାଣିଛ କୁହ ?' ସେ ମୁରୁକି ହସି ପଚାରିଲା।

: କିଛିନାହିଁ ।

: ମୋ ବିଷୟରେ ଏତେ ଖବର କାହିଁକି ରଖିଛ ?

. ମୁଁ ପୁଣି ଚୁପ ରହିବା ଦେଖି କହିଲା ' କହୁନ । ଏଠି ତ ତୁମ ମୋ ଛଡା କେହିନାହାନ୍ତି ।'

ତା ଆଡକୁ ନ ଚାହିଁ କହିଲି : ଭଲ ଲାଗ ବୋଲି ।

ସେ ଏଥର ମୋ ଇପ୍ସିତ ବହିଟିକୁ ମୋ ହାତକୁ ବଢ଼ାଇ ଦେଇ କହିଲା : ହେଉ ରଖ । ବର୍ଷା ବୋଧେ ଛାଡ଼ିଯିବ। କାଲି ସ୍କୁଲରେ ନୁହେଁ, ଏଇ ଜାଗାରେ ସ୍କୁଲକୁ ଆସିଲାବେଳେ ମୋତେ ଦେବ। ତୁମେ ଆଗ ଆସିଲେ ଏଇଠି ଅପେକ୍ଷା କରିଥିବ ନହେଲେ ମୁଁ ଆଗ ଆସିଥିଲେ ତୁମକୁ ଅପେକ୍ଷା କରିଥିବି।

ମୁଁ ତାକୁ ଚାହିଁଲି । ତା ମୁହଁରେ ହସର ସରୁ ରେଖାଟିଏ ସ୍ପଷ୍ଟ ବାରିହେଇ ପଡୁଥିଲା । ମୁଁ ବି ଟିକିଏ ହସିଦେଲି ।

ସେ କହିଲା'ବର୍ଷା ଛାଡି ଆସିଲାଣି ।ଘରେ ବ୍ୟସ୍ତ ହେଉଥିବେ । ଚାଲ ଏଇ ଝିପିଝିପି ବର୍ଷା ହେଉ ପଛକେ ଚାଲିଯିବା ।'

ବାହାରି ଆସିଲୁ ଦୁହେଁ । ନଈ ରାସ୍ତା ପାର ହେଲାପରେ ମାଟିରାସ୍ତା । ଅଳ୍ପ ଦୂର ଅଛି ଯେଉଁଠୁ ଡାହାଣକୁ ଭାଙ୍ଗିଲେ ସେ ତା ଗାଁ ରାସ୍ତା ଆଡ ? ଯିବ । ମୋ ରାସ୍ତା ସିଧା। ମୁଁ ତା ମୁହଁକୁ ଚାହିଁଲି । ତା ମୁହଁରେ ସେତବେଳକୁ କେତେଟୋପା ବର୍ଷା ବିନ୍ଦୁ ପଡି ସାରିଥିଲା,ଯାହା ତା ମୁହଁକୁ ଆହୁରି ସୁନ୍ଦର କରୁଥିଲା । ଲାଗୁଥିଲା ଯେମିତି ବର୍ଷା ଭିଜା ପଦ୍ମ ଫୁଲଟିଏ।

ମୁଁ କିଛି କହିବା ପୂର୍ବରୁ ସେ ପାଦ ପକାଇ ସାରିଥିଲା ତା ବୁଲାଣି ରାସ୍ତାକୁ । ମୁଁ ଥ ହୋଇ ଛିଡା ହୋଇଥିଲି ତା ଯିବା ରାସ୍ତାକୁ ଚାହିଁ । ଦଶ ବାର ହାତ ଯାଇ ସେ ପଛକୁ ଚାହିଁ ହାତ ହଲାଇ ଦୌଡିଲା ପରି ଚାଲିଲା ଆଗକୁ ।

ସେଦିନ ଘରେ ଆସି ପହଁଚିଲା ବେଳକୁ ବୋଉ ଛିଡା ହୋଇଥିଲା ଦାଣ୍ଡ ପିଣ୍ଡାରେ। ଦେଖି କହିଲା,' ଆଉ ଟିକେ କେଉଁଠି ରହିଗଲୁନି ଓଦା ହେଲୁ' । ବୋଉକୁ କଣ ଉତ୍ତର ଦେଇଥିଲି ମୋର ଆଉ ମାନେନାହିଁ। ଅନ୍ୟମନସ୍କରେ କିନ୍ତୁ ଥିଲି। ତା ପରଦିନ ସ୍କୁଲକୁ ଆସିବା ଯାଏ ବିଜୁଳି, ବର୍ଷା, ତା ମୁହଁ, ତା ଆଖି, ତା କଥାବାର୍ତ୍ତା ଲୁହାକୁ ଚୁମ୍ବକ ଧରିଲା ପରି ମୋତେ ଟାଣି ଧରିଥିଲା କ୍ଷ

ନିର୍ଦ୍ଦିଷ୍ଟ ଦିନ ଠିକ୍ ସମୟରେ ଆଗ ଆସି ପହଂଚି ଯାଇଥିଲି ସେଇ ଅବ୍ୟବହୃତ ଭଙ୍ଗା ଚାଳ ଘର ପାଖରେ । ଚାହିଁ ରହିଥିଲି ତା ଆସିବା ବାଟକୁ । ଏପଟ ସେପଟ ହେଉଥିଲି କ୍ଷ ସେ ବାଟ ଦେଇ ଯଦି କେହି ଯାଉଥିଲା ରାସ୍ତା କଡକୁ ଯାଇ ପରିସ୍ରା କରିବାର ବାହାନା କରୁଥିଲି ।ମନେ ମନେ ବିରକ୍ତ ହେଉଥିଲି ତା'ର ଡେରି ହେବାର ଦେଖି।

ଟିକିଏ ପରେ ସେ ଆସିଲା ।ତା ସାଙ୍ଗରେ ତାଙ୍କ ଗାଁର କେହି ପିଲା କି କେଉଁ ସାଙ୍ଗ ନଥିଲେ। ମୋତେ ଦେଖି ଚାରିଆଡକୁ କନ କନ କରି ଚାହିଁଲା । କହିଲା - 'ଦିଅ' । ତା ବହି ତା ହାତକୁ ଦେଲାପରେ ସେ ତନ ତନ କରି ସବୁ ବହିର ପୃଷ୍ଠା ଗୁଡାକୁ ଓଲଟାଇ ଝାଡିଦେଲା ।ମୁଁ କହିଲି 'ମୁଁ ତୁମ ବହିକି ଖାତାରେ ହାତ ମାରିନି ।କ'ଣ ଖୋଜୁଛ ?' ସେ ବହି ଖାତା ସବୁକୁ ସଜାଡୁ ସଜାଡୁ କହିଲା 'କିଛିନାହିଁ'। ତୁମେ ଆଗରେ ଚାଲ । ମୁଁ ତୁମ ପଛରେ ଟିକେ ଯାଉଛି।

ସ୍କୁଲ ସାରା ପିଲା ଆମକୁ ନେଇ ଚର୍ଚ୍ଚା କରୁଥିଲେ । ତା ପରଦିନ ଠୁ ସେ ଆଉ ତା ଗାଁ ପିଲାଙ୍କ ସହ ଆସୁନଥିଲା କି ଯାଉନଥିଲା । ବର୍ଷା ଋତୁ ସରି ଯାଇଥିଲା ହେଲେ ସ୍କୁଲରେ ଆମ ଦୁହିଁଙ୍କୁ ନେଇ ଟୁପୁରୁ ଟାପର ଶବ୍ଦର ଗୁଞ୍ଜରଣ ଶେଷ ହେଉନଥିଲା ।କିଛି ଦିନ ପରେ ସେ ସ୍କୁଲ ଆସିବା ପୁରା ବନ୍ଦ କରିଦେଇଥିଲା।

ଦଶମ ବୋର୍ଡ ପରୀକ୍ଷା ସରିଲା ଭିତରେ ଯାହା ଦୂରରେ ଥାଇ ଆମେ ପରସ୍ପରକୁ ଦେଖିବା ଛଡା ଆଉ କିଛି ବାଟନଥିଲା। ଯେତେ ଚେଷ୍ଟା କଲେବି ମରି ମରି ଯାଉଥିବା ପ୍ରେମ ଗଛଟା ସମ୍ପର୍କର ମାଟିରୁ ଉଠି ଆଉ ଡାଳପତ୍ର ମେଲାଇ ପାରିଲା ନାହିଁ । ମୋର ଆଡ୍‌ମିଶନ ଦୂର ସହରର ରେସିଡେନସିଆଲ୍ କଲେଜରେ କରାଇଦେଲେ ବାପା। ସେଇଠି ଯାଇ ରହି ପଡ଼ିଲି। ସେ ବି ଯାଇଁ ତା'ର କେଉଁ ଦୂର ସମ୍ପର୍କୀୟ ମାଉସୀଙ୍କ ଘରେ ରହି ପଢିଲା ଯେ ତା'ର ଠିକଣା କୌଣସି ମତେ ମୁଁ ହାସଲ କରି ପାରିଲି ନାହିଁ। ଲ୍ୟାଣ୍ଡଫୋନର ବ୍ୟବହାର ସେତେବେଳେ କାଁ ଭାଁ କେହି କରୁଥିଲେ । ଗାଆଁ କୁ କେବେ ଗଲେ ବନ୍ଧୁ ସଞ୍ଜୟ ସହିତ ବର୍ଷା ଙ୍କ ଗାଆଁକୁ ଯାଇ ନିରାଶ ହୋଇଛି। ବର୍ଷା ସହିତ ଆଉ ଭେଟ ହୋଇ ପାରିନାହିଁ। ଛାତିରେ ମେଞ୍ଚାଏ ଅବସୋସ ନେଇ ଫେରିଛି ଯାହା..!

ବୟସ ବଢିଲା। ସମୟ ଗଡିଲା । ବର୍ଷାଋତୁ ପରେ ବର୍ଷା ଋତୁ ଆସିଲା । ଏବେ ବର୍ଷା ପଡିଲେ ମୁଁ ଘରେ ଥିଲେବି ବାହାରି ଆସେ ବାହାରକୁ । ବିଜୁଳି ମାରିଲେ ଛାତି ଭିତରେ କେମିତି ଗୋଟାଏ ଲାଗେ ।ବାହାରକୁ ଚାହିଁଲେ ଅସ୍ପଷ୍ଟ ଏକ ମୁହଁ ଦିଶେ।ଲାଗେ ସେ ମୁହଁ କାହାର ନୁହେଁ ମୋ ପ୍ରେମର।ମୋ ପ୍ରଥମ ଭଲପାଇବାର।

ମୋର ସ୍ନାତକ ପଢା ସରିଲା ବେଳକୁ ବର୍ଷା ର ବାହାଘର ହଠାତ୍ ହୋଇଗଲା ବୋଲି ଶୁଣିଲି ବନ୍ଧୁ ସଂଜୟ ଠାରୁ। ବର୍ଷା ବାହାଘରର ପ୍ରାୟ ଚାରି ବର୍ଷ ପରେ ମୋର ବାହାଘର ହେଲା। ମୋ ବାହାଘର ବେଳକୁ ଶେଷଥର ପାଇଁ ଯାଇଥିଲି ବର୍ଷା ଙ୍କ ଗାଆଁ କୁ। ସେଇଠି ଦେଖା ହୋଇଥିଲେ ବର୍ଷାର ବାପା। ପ୍ରସ୍ତୁତି ପୂର୍ବକ ବାହାଘର ନିମନ୍ତ୍ରଣ କାର୍ଡ ଧରାଇଦେଲି ତାଙ୍କ ହାତରେ।

-' ବୋଧହୁଏ ବସନ୍ତ ! ତୁମର ବାହାଘର ? କଂଗ୍ରାଚୁଲେସନସ ! ବର୍ଷା ତାହାହେଲେ ତୁମରି କଥା କୁହେ।ବ୍ରିଲିଆଣ୍ଟ ଷ୍ଟୁଡେଣ୍ଟ ହିସାବରେ ସେ ତୁମ ନାଁ ହିଁ ନିଏ। ଏବେ କେଉଁଠି ରହୁଛ ?'

ସବୁ ପ୍ରଶ୍ନର ଉତ୍ତର ଦେଲି ସିନା,ମୋ ପ୍ରଶ୍ନର ଉତ୍ତର ପାଇବାର ସୁଯୋଗ ପାଇ ପାରିନଥିଲି ସେ ପରିସ୍ଥିତିରେ।

ଆଉ ଠିକ୍ ବର୍ଷକ ପରେ ଶୁଣିଲି ବର୍ଷା ବିଷୟରେ ଦୁଃଖଦ ଖବର। ତା'ର ସ୍ୱାମୀ ମେଜର ରୁଦ୍ର ପ୍ରତାପ କାଶ୍ମୀରରେ ଆତଙ୍କବାଦୀଙ୍କ ଦ୍ୱାରା ନିହତ ହୋଇଥିଲେ। ସେତେବେଳକୁ ବର୍ଷା କୋଳରେ ତିନି ବର୍ଷର ଝିଅଟିଏ। ବର୍ଷା ର ଦୁଃଖରେ ଦୂରରେ ଥାଇ ସମଦୁଃଖୀ ହେବା ଛଡା ମୋର ଆଉ କିଛି ଗତି ନଥିଲା।

ଏତିକି ବେଳକୁ ସଞ୍ଜୟ କଥାରେ ମୁଁ ଭାବନା ରାଇଜରୁ ଫେରି ଆସିଲି।

-' ଜାଣିଚୁ ବର୍ଷା କଥା ।ତା' ଝିଅ ଏବେ ଡକ୍ଟର। ବର୍ଷା ଏବେ ଶାଶୁଘରେ ନରହି ଭୁବନେଶ୍ୱରରେ ରହୁଛି। ମୋତେ କିନ୍ତୁ ଯାଚିକରି ସେ ରହୁଥିବା ଘରର ଠିକଣା ଦେଇ ଯାଇଛି ।ଆଉ ପଚାରୁଥିଲା ତୋ ବିଷୟରେ ! ମାସକୁ କିନ୍ତୁ ଥରେ ଦି'ଥର ଆମ ଗାଁ ଆଡେ ଆସୁଛି। ଭେଟିବୁ... ?'

ସେଇ ଦୂର ଅତୀତର ଦିନକୁ ମୁଁ ଯେମିତି ଫେରି ଯାଉଥିଲି। ପୁଲକିତ ହୋଇ ଉଠୁଥିଲି ବର୍ଷା କଥା ଭାବି। ତା'ର ବୈଧବ୍ୟ ରୂପ ମୋ ଭିତରେ ଆଣି ଜାଗା ନେଇ ପାରୁନଥିଲା... ! ! !

ବର୍ଷା ସହ ଦେଖାହେଲେ କେମିତି ଆମର କଥା ଆରମ୍ଭ ହେବ ସେଇ କଥା ଭାବି ରୋମାଞ୍ଚିତ ହୋଇ ଉଠୁଥିଲି।

-' ଭେଟିବୁ କି ନାହିଁ ବର୍ଷାକୁ କହ।'

-' ନିଶ୍ଚୟ, ନିଶ୍ଚୟ ଭେଟିବି।' ଦୃଢ଼ତାର ସହ କହିଲି ମୁଁ।

-' ନିଶ୍ଚୟ ଭେଟିବୁ। ତା'ର ଆଉ କେତେ ଦିନର ଆୟୁଷ ଅବା ! କହୁଥିଲା ମୃତ୍ୟୁ ପୂର୍ବରୁ ବସନ୍ତଙ୍କ ସହ ଥରେ ଭେଟିବାକୁ ମୋର ଇଚ୍ଛା।ତା ଇଚ୍ଛା ପୂରଣ ହେବ ବୋଲି ମୁଁ ତାକୁ କଥା ଦେଇଛି। ତେଣିକି ତୋ ଇଚ୍ଛା।'

କ୍ୟାନସର ପୀଡ଼ିତା ବର୍ଷା ଦାସ ଗଙ୍ଗଶିଉଳିର ଆୟୁଷ ନେଇ ତଥାପି ମୋ ପ୍ରତୀକ୍ଷାରେ... ? ? ?

*କୁଞ୍ଜବିହାରୀ ଲେନ, କଟକ*

## ଅବୁଝା ଆକାଶ

*ସୁଧାକର ରାଉତ*



ଆକାଶ ଟା କେତେ ଅବା
ଆତ୍ମବିଭୋର ହେବ ଛାତି ଫୁଲେଇ ।
ସମସ୍ତଙ୍କୁ ଆପଣେଇ
କଣ ବା ମିଳେ ତାକୁ
ସେ ନିଜେ ବି ଜାଣେ ନାହିଁ ।
ଅହରହ ଦାରୁଣ କଷଣ ସହି
ଜଳୁଥିବା ସୂରୁଯ
ଶୀତଳ ଆଲୋକର ଉତ୍ସ ଚନ୍ଦ୍ର
ଆଉ ଅଗଣିତ ତାରାଙ୍କୁ
ତା ବକ୍ଷରେ ନେଇଥିଲା କୋଳେଇ ।
ସବୁ ସତ ତ ସତ ନୁହଁଇ
ତେଣୁ ମିଛକୁ ସେ ସତ ଭାବି
ନିଜକୁ ଥିଲା ସଜେଇ ।
ସେମାନଙ୍କ ପ୍ରତି ଥିବା ଅନୁରାଗରେ
ନିଜକୁ ଦେଇଥିଲା ଭସେଇ ।
ସେମାନେ କଣ ଭାବି କେଜାଣି
ତା ଅସହାୟତା
ଦୁର୍ବଳତା ଭାବି
ରହନ୍ତି ତାଠାରୁ ଦୂରେଇ ଦୂରେଇ ।
ବେଳେ ବେଳେ ଲାଗେ ଭାରି ଖାଁଖାଁ ।
ସେଥିରେ ପୁଣି ଅକସ୍ମାତେ
କଳାବାଦଲ ଆସି ହୁଏ ଖତେଇ ।
ତା ଉପରେ ଗରଗର ହୋଇ
ପୁଣି ମନକୁ ଦିଏ ବୁଝେଇ ।
ନିଜର ବୋଲି ସଭିଏଁ
ଏଠି ପିଟନ୍ତି ଡେଙ୍ଗୁରା ।
ମାତ୍ର ହସ ଫୁଲ ଟିକିଏ
ଫୁଟାଇଲା ବେଳେ
କେହି ଦିଅନ୍ତିନି ଧରା ।
ବ୍ୟର୍ଥ ହୁଏ ଖୋଜିବା ଆଶରା
କେ ବୁଝିବ ହୃଦର ଇସାରା
ଶୂନ୍ୟତାର ଚୁମ୍ବନ ଭିତରେ
ଜୀବନ ତା ହୁଏ ଆତ୍ମହରା ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଅନ୍ତର ଖୋଜୁଛି ଆନ୍ତରିକତା

*ଭାସ୍କର ରାଉତ*



ଅନ୍ତର ମୋହର ଖୋଜେ ନିରନ୍ତର
ତଥାପି ସେ ପାଉନାହିଁ
ସତେ କିବା ସେହି ସଂସାରରେ ନାହିଁ
ହଜି ଯାଇଅଛି ସେହି ?
ଆମ ପିଲାବେଳେ ସେ ଆମରି ମେଳେ
ଖେଳୁଥିଲା ସାଥେ ମିଶି
ଯେତେ ରାଗରୁଷା ସାଥେ କଟୁ କଥା
ସବୁ ଯାଉଥିଲା ଭାସି।
ସଦା ମିଳିମିଶି ଖେଳୁଥିଲୁ ହସି
ଆଉ ତା ଦେଖା ମିଳୁନି
କି ଅବା ଦାଦନ ଖଟିବାକୁ ଜାଣ
ଯାଇଛି କି ସିଏ ପୁଣି।
ଅନ୍ତର ଖୋଜୁଛି ଆନ୍ତରିକତା କୁ
ପାଉନାହିଁ ତାକୁ କାହିଁ
ସ୍ୱାର୍ଥପରଟାକୁ ଦେଖୁଛି ତାହାକୁ
ଆନ୍ତରିକତାଟା ନାହିଁ।
ଚଳିବାକୁ ଏଠି କଷ୍ଟ ହେଉଛିଟି
ପାଦ ପାଦକେ ବିପଦ
ଧନ ଜନ ମାନ ସହିତ ଜୀବନ
ମଣନ୍ତି ସବୁ ପ୍ରମାଦ।
ହତ୍ୟା ଧରଷଣ ସାଥିରେ ଲୁଣ୍ଠନ
ଦିନ ଦ୍ୱିପ୍ରହରେ ଘଟେ
ସେବକ ନାମରେ ବୁଲିଣ ସଂସାରେ
ସଭିଙ୍କ ତଟିକୁ କାଟେ।
ପାଞ୍ଚ ବର୍ଷପରେ ଆସିଯାଇ ଥରେ
ମୁହଁ କୁ ଦେଖାଇ ଦେଇ
ତାହା ମିଛକହି ମତକୁ ହାତେଇ
ନିଜ ଚନ୍ଦା କରୁଥାଇ।

*ଦେବମାୟା ଭବନ*
*ଶେରଗଡ଼,ଗଞ୍ଜାମ*
*୯୭୭୬୪୮୬୬୨୮*

## ଧନ ମହିମା

*ରତ୍ନକାନ୍ତି ମିଶ୍ର*



ଧନ ମହୀୟାନ ଧନ ଗରୀୟାନ
ଧନୀ ଲଭେ ଯଶ କୀର୍ତ୍ତି
ଧନହୀନ ଜନ ଭୋଗଇ ଦୁର୍ଗତି
ଗାଏ ଦୁର୍ଭାଗ୍ୟର ଗୀତି ॥
ଧନ ଦିଏ ମାନ ସମାଜରେ ସ୍ଥାନ
କରେ ପ୍ରଫୁଲ୍ଲିତ ମନ
ବଢାଏ କ୍ଷମତା ଜନଗଣ ଆସ୍ଥା
ସର୍ବତ୍ର ହୁଏ ଭାଜନ ॥
ଧନ ଥିବା ଲୋକ ସର୍ବଦା ପ୍ରମୁଖ
ସଭାସ୍ଥଳେ ସଭାପତି
ସେ ପରା ଅତିଥି ଯା' ପାଖେ ସମ୍ପତ୍ତି
ଦର୍ଶାଏ ତା' ପ୍ରତିପତ୍ତି ॥
ଧନ ଶୋଭାମୟ ପ୍ରାଣାଦପି ପ୍ରିୟ
ଆଶା ଭରସାର ସେତୁ
ଅଭଦ୍ରକୁ ଭଦ୍ର ରଟେ ଯା ସମ୍ବାଦ
ଧନ ପରା ତା'ର ହେତୁ ॥
କେତେ ସ୍ତବ ପାଠ କେତେ ହାଟନାଟ
ପ୍ରଶଂସାରେ ହୁଏ ପୋତା
ତାଳୁରୁ ତଳିପା ଶ୍ରେଷ୍ଠତ୍ୱର ଛାପା
ଧନୀ ହିଁ ବିଶ୍ୱ ବିଜେତା ॥
କେତେ ଭାବପ୍ରୀତି ସତେ ସର୍ବେ ଜ୍ଞାତି
ଆତ୍ମୀୟତା ମୁଖେ ଝରେ
କେତେ ସମ୍ବର୍ଦ୍ଧନା ନିତ୍ୟ ନୀରଜନା
ଧନ ଦିଏ ପାଦ ତଳେ ॥
ଦେଶେ ପାଏ ପୂଜା ସେ ଦେଶର ରାଜା
ଜ୍ଞାନୀ ପୂଜ୍ୟ ଜଗତରେ
ଧନୀ ଏବେ ସ୍ୱତଃ ଈଶ୍ୱର ପ୍ରତୀତ
ସତେ ବିଜେ ଅବତାରେ ॥

*ଆଳି, କେନ୍ଦ୍ରାପଡ଼ା*

## ମୁଁ ଜଣେ ପ୍ରଚାରକ

*ଡୁଇଟ ଡେଭିଡ ଫିଲିପ*



ଶୋଇଲେ ନ ଶୋଇଲେ
ବାହାରିଲେ ନ ବାହାରିଲେ
ପାଟି ଫିଟାଇଲେ ନ ଫିଟିଇଲେ
ବେଶ ହେଲେ ନ ହେଲେ
କିଛି କଲେ ନ କଲେ
ଗାରତ ଟାଣିଛି କାହାର ମନେ !
ଜନ୍ମ, ମୃତ୍ୟୁ ଓ ଜୀବନ,
କ୍ଷଣ, ଲକ୍ଷଣ ଓ ସମୟ,
ଆଖି ଓ ଅନୁଭୂତି କଲମ,
ସ୍ମରିଲେ ହୁଏ, କବିତା ବା ଗଳ୍ପ,
ପରିଚୟ, ପ୍ରଚାର, ମୁଁ ମୋହର !
ନାହିଁ ହାତରେ ଆରମ୍ଭ ଓ ଶେଷ,
ନାହିଁ ବାଲ୍ୟ ଓ ଜରା ଜୀର୍ଣ୍ଣ ଅବଶେଷ,
କାହିଁକି ନ ନେବି ମୁଁ ମୋ
ପରିଚୟର ଦୋଷ ?
ଶୀର୍ଷକଟି ଲେଖିଛି ମୋ ଯୌବନ,
ଅନ୍ତରା ଲେଖିଛି ଯେବେ ପରିପକ୍ୱ,
ଉପସଂହାର ଯେବେ ହେଉଛି ସେଶ,
ଜାଣନ୍ତି ମୋ ମିତ୍ର, ଶତ୍ରୁ ଓ ପଦାତିକ।
କ୍ରୋଧ, ହସ ଓ କ୍ରନ୍ଦନ,
ବାଛି ପାରିନି ମୋ ପରିଚୟ,
ଚାହିଁ ନ ଚାହିଁ ମୁଁ ମୋ ପ୍ରଚାରକ,
ମୃତ୍ୟୁ ପରେବି ସମାଜ କହୁଛି ବୋଝ।

*ଓକିଲ ନ୍ୟାୟ ପାଇଁ,*
*ବଡ ପଡା, ଭବାନୀପାଟଣା*
*କଳାହାଣ୍ଡି, ଓଡ଼ିଶା ୭୬୬୦୦୧*

## ସୁଶୋଭିତ ଶରତ

*ଆଦ୍ୟାଶା ମହାପାତ୍ର*



ଆକାଶରେ ନାହିଁ ବାଦଲ କାଳିମା
ନାହିଁ ବରଷା ବିଜୁଳି
ନୀଳାଭ ଆକାଶେ ଶୁଭ୍ର ମେଘ ଖଣ୍ଡ
ଖେଳେ ସତେ ଲୁଚ୍‌କାଳି ॥

ମୋତେ ଛୁଁ ଖେଳ ମେଘ ବୋଇତର
ନଭ ଦେଶେ ମନଲୋଭା
ଉଭା କାଶତଣ୍ଡୀ ଶୁଭ୍ର ବସ୍ତ୍ର ମଣ୍ଡି
ବଢାଏ ଧରଣୀ ଶୋଭା ॥

ନଦୀଜଳ ଦିଶେ ଦର୍ପଣ ସଦୃଶ
ଆକାଶର ଛବି ଦିଶେ
ବିବିଧ ପୁଷ୍ପରେ ସଜ୍ଜିତ ପ୍ରକୃତି
ସତେକି ଆନନ୍ଦେ ହସେ ॥

କେଦାରେ କେଦାରେ ସବୁଜ ଫସଲ
ପବନରେ ଦୋଳି ଖେଳେ
ଗଙ୍ଗଶିଉଳିର ବାସେ ବିଭାବରୀ
ଖୁସିରେ ସତେକି ଝଲେ ॥

ପାର୍ବଣ ଋତୁର ମହକେ ଶରତ
ଚଉଦିଗ ସୁରଭିତ
ଆସୁଛନ୍ତି ମା' ଦୁର୍ଗତି ନାଶିନୀ
ପ୍ରତି ପ୍ରାଣ ପୁଲକିତ ॥

ସମାଜର ସବୁ କଳୁଷ ନାଶିବେ
ତ୍ରିଶୂଳ ଧାରିଣୀ ମାଆ
ଶାନ୍ତିର କୁସୁମ ପ୍ରସ୍ଫୁଟିତ ହେବ
ଜଗତକୁ ହେବେ ସାହା ॥

*ନୂଆପଡା, କଟକ*

## ପୂଜା

*କବିରତ୍ନ ନୂତନ କୁମାର ବେହେରା*

ହୃଦୟର ଏକ ପବିତ୍ର ଭାବନା
ସଂପୂର୍ଣ୍ଣ ସମର୍ପଣ ଧ୍ୟାନ ଧାରଣା,
ଈଶ୍ୱରଙ୍କ ଅନୁଗତ ଏ ଚେତନା
ସତ୍ କର୍ମ ତାର ଅଟଇ ସାଧନା।
ସ୍ୱଚ୍ଛ ଭାବନାରେ ଉଦ୍‌ବୁଦ୍ଧ ହୋଇ
ଈଶ୍ୱରଙ୍କୁ ସ୍ତୁତି ହିଁ ପୂଜା ଅଟଇ,
ସର୍ବ ଦେବାଦେବୀ ଯେ ଅଦୃଶ୍ୟେ ଥାଇ
ଆଶିଷ ତାଙ୍କର ଦିଅନ୍ତି ବର୍ଷାଇ।
ସତ୍ୟ ଆଚରି ଜଣେ କରେ ପୂଜନ
ସାତ୍ତ୍ୱିକ ଭାବାପନ୍ନ ହୁଏ ଜୀବନ,
ସର୍ବତ୍ର କରଇ ବ୍ରହ୍ମଙ୍କୁ ଦର୍ଶନ
ଦିବ୍ୟ ଚେତନାରେ ରତ ରହେ ମନ।
ପ୍ରତିକର୍ମେ ଭକ୍ତିଭାବ ଉଦାରତା
ଭରିଦିଏ ଜୀବନରେ ସାର୍ଥକତା,
ପରସ୍ପରେ ସମ୍ପର୍କର ମଧୁରତା
ଭାବର ବନ୍ଧନର ମୌଳିକତା।
ପାର୍ଥିବ ଜଗତର ସୁନ୍ଦର ସୃଷ୍ଟି
ପ୍ରଭୁଙ୍କ ଉପହାରର ଯେ ସମଷ୍ଟି,
ସଂସାରେ ଥିବାଯାଏ ମାନବ ତିଷ୍ଠି
ତାଙ୍କରି ଆଶିଷ ହେଉଥାଏ ବୃଷ୍ଟି।
ଥିଲେ ଥାଉ ଯା'ର ଯେତେ ବି ବିଭବ
ଈଶ୍ୱରଙ୍କ ବିନା ଲାଗେ ତ ଅଭାବ,
ବଦଳି ଯାଏ ତାର କ୍ରୂର ସ୍ୱଭାବ
ତାଙ୍କୁ ମନେ ପ୍ରାଣେ କଲେ ଅନୁଭବ।
ପାଦେ ତାଙ୍କର କରି ପୂଜା ଅର୍ଚ୍ଚନା
ବିନୟ ଭାବେ କରଇ ଯେ ପ୍ରାର୍ଥନା,
ପରିପୂର୍ଣ୍ଣ ହୁଏ ତା' ମନସ୍କାମନା
ଦୂର ହୁଅଇ ଦୁଃଖ କ୍ଲେଶ ଯାତନା।
ଭକ୍ତିରେ ଭଗବାନ ହୁଅନ୍ତି ବନ୍ଧା
ବୈକୁଣ୍ଠ ସମାନ ଲାଗେ ଏ ବସୁଧା,
ଘୁଞ୍ଚିଯାଏ ସକଳ ବିପତ୍ତି ବାଧା
ଦୂର ହୁଏ ଯେତେ ମାନସିକ କ୍ଷୁଧା।
ଭକ୍ତି ଦିଏ ଶକ୍ତି ସାହସ ପ୍ରେରଣା
ମିଳେ ଈଶ୍ୱରଙ୍କ ଅଶେଷ କରୁଣା,
ଜୀବନ ପଥର ସଠିକ ଠିକଣା
ପାଇ ମନେ ଆସଇ ଦୃଢ ଧାରଣା।
ସଂସାରେ ସତ୍କର୍ମ କରିବା ହିଁ ପୂଜା
ଯଶ ଗୌରବର ଉଡଇ ଯେ ଧ୍ୱଜା,
ଭବେ ବାଜେ ତାର ସୁନାମର ବାଜା
ଆଶା ଆକାଂକ୍ଷା ପୂର୍ଣ୍ଣ ହୁଏ ଖୋଜେ ଯା'।
ଭକ୍ତିରେ ଭକ୍ତର ହୃଦୟ ତଲ୍ଲୀନ
ହୋଇ କରେ ଭଗବତଙ୍କ ଦର୍ଶନ,
ଭକ୍ତି ଚିରନ୍ତନ ସତ୍ୟ ସନାତନ
ଧନ୍ୟ କରେ ଭବେ ପ୍ରାଣୀର ଜୀବନ।

*କୋହି,ବାରିପଦା,ମୟୂରଭଞ୍ଜ,*
*ମୋ: ୮୦୧୮୩୫୩୩୨୨*

# ଶ୍ରେଷ୍ଠ ଉପହାର



ପୂର୍ଣ୍ଣଚନ୍ଦ୍ର ବହଳୀ

ସାବିତ୍ରୀ ଆଜି ଭୀଷଣ ଅସୁସ୍ଥ । ପାଖରେ ସ୍ୱାମୀ ଦେବକାନ୍ତ ଚିନ୍ତାଗସ୍ତ ଭାବେ ତାଙ୍କ ମୁଣ୍ଡ ପାଖରେ ବସିଥାଆନ୍ତି କ୍ଷ କଣ କରିବେ ଡାକ୍ତର ଡାକିବେ ନା ଡାକ୍ତର ଖାନାକୁ ନେଇ କରି ଯିବେ ଠିକ କରି ପାରୁ ନଥିଲେ । କାରଣ ନା ନିଜର ଗୈଡ଼ାଗୈଡ଼ି କରିବାକୁ ବଳ ଓ ବୟସ ଅଛି ନା ସାବିତ୍ରୀ ବି ସକ୍ଷମ । କହିଲେ ସାବୀ- ତୁମର ଅବସ୍ଥା ଖରାପ ଆଡକୁ ଯାଉଛି,ମୁଁ ଫୋନ କରି ଡାକ୍ତରଙ୍କୁ ଡାକୁଛି, ସେ ତୁମକୁ ଆଉଟିକେ ଦେଖିଦେଇ ଯିବେ କ୍ଷ ସାବିତ୍ରୀ କହିଲେ ଡାକ୍ତରଙ୍କୁ ଡାକ ନାହିଁ , ତୁମକୁ କଣ ଲାଗୁଛି ମୁଁ ଭଲ ହୋଇଯିବି । ଆଶା ଥିଲା ପୁଅ ବୋହୂ ଝିଅ ଜୋଇଁ ଆସିଥିଲେ ଟିକେ ଦେଖିଦେଇ ଆଖି ବୁଜିଥାଆନ୍ତି । କିନ୍ତୁ ତାହାର ଆଶା ବି କ୍ଷୀଣ । ସେମାନଙ୍କ ସହିତ ଆମର ସମ୍ପର୍କକୁ ଦୂରଭାଷ ହିଁ ଟିକେ ବଞ୍ଚାଇ ରଖିଥିଲା ତାହା ବି ଆଉ ନାହିଁ ।

ଦେବକାନ୍ତ ଆଖିରୁ ଚଷମା କାଢି ଟିକେ ଲୁହ ପୋଛି କହିଲେ ଆଛା କହିଲ ସାବୀ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆମେ କେତେ କଣ ନ କରିଛେ । ସଂସାରଟିଏ ଗଢିବା ଅର୍ଥ ପରିବାରର ଭଲ ମନ୍ଦ ସବୁକୁ ଏହି ଶରୀର ଭିତରେ ହିଁ ରଖିଦେଇଥିଲେ । ପିଲାମାନେ ବଡ଼ ହୋଇ ଉଚ୍ଚତର ସ୍ଥାନରେ ପହଂଚିବା ପାଇଁ ଆମ ସହିତ କଣ ସେମାନେ ବି ସଂଘର୍ଷ କରିନାହାନ୍ତି । ଆଜି ସେମାନଙ୍କୁ ବେଳ କାହିଁ । ସମୟ ବଦଳୁଛି, ମନ ଓ ଚିନ୍ତାଧାରା ବଦଳୁଛି । ସମସ୍ତେ ସବୁ ଜାଣୁଛନ୍ତି ଓ ବୁଝୁଛନ୍ତି ।ତଥାପି କାହିଁକି ଦାୟିତ୍ୱବୋଧ, ଆନ୍ତରିକତା, ଆନୁଗତ୍ୟ କ୍ରମଶଃ ଲୋପ ହୋଇ ଆସୁଛି ତାହା ପାଇଁ କିଏ ଦୋଷୀ କିଏ ଠିକ କହିବା ନିର୍ଣ୍ଣୟ କରିବା ଆଜିର ଦିନରେ କହିବା କଷ୍ଟ ।

ସାବୀ କହିଲେ ମୋତେ ଏଭଳି କହିଦେଇ ଭାବୁଛ ମୁଁ ତୁମ କଥା ବୁଝିପାରୁନାହିଁ । ପିଲାମାନଙ୍କ ଦୋଷ, ଦାୟିତ୍ୱବୋଧ ଘୋଡ଼ାଇବାକୁ ଯାଇ ଆମେ ଯେଉଁ ଅବସ୍ଥା ଦେଇ ଗତି କରୁଛେ ତାହା ତୁମେ ଠିକ ବୁଝିଛ । ଆଛା କହିଲ ମୁଁ ଚାଲିଗଲା ପରେ ତୁମେ କେମିତି ଚଳିବ ।

ହଁ ପିଲାମାନେ ପ୍ରଥମେ ପ୍ରଥମେ କହୁଥିଲେ ତାଙ୍କ ପାଖରେ ରହିବା ପାଇଁ । ତୁମେ ତ କହିଲ ଭିଟାମାଟି, ସମ୍ପର୍କୀୟ ବନ୍ଧୁବାନ୍ଧବକୁ ଛାଡି ଗୋଟିଏ ଅଜଣା ସହରରେ ଯେଉଁଠି ତୁମର ପରିଚୟ ତୁମେ ନିଜେ ସେଠାରେ ସମୟ କଟାଇବା କଣ ସହଜ । ତା ବୋଲି ବୁଢା ବୁଢୀ କଣ କରୁଛନ୍ତି ସେମାନେ ବୁଝିବା ଉଚିତ ନୁହେଁ । ବର୍ଷରେ ଥରେ ଅଧେ କଣ ଆମ ପାଖକୁ ଆସିପାରି ନଥାଆନ୍ତେ ।

ଦେବକାନ୍ତ କହିଲେ ଛାଡ଼ ସାବୀ ପୋଡ଼ିଗଲା ତିଅଣରେ ସ୍ୱାଦୁ ଖୋଜି ଆଉ ଲାଭ କଣ । ଆଜିକାଲି ହାଇବ୍ରିଡ଼ ଯୁଗରେ ଦେଶୀ ଖାଦ୍ୟର ସୁଆଦୁ ସମସ୍ତେ ଭୁଲିବାକୁ ଲାଗିଲେଣି । ଏହାର ଶେଷ ସେଇ ପ୍ରଭୁଙ୍କୁ ଜଣା ।

ସାବୀ କହିଲା ମୁଁ ବି ସେଇଆ କହୁଛି ଆଉ ଡାକ୍ତର ଡାକିବା ଦରକାର ନାହିଁ । ମୋତେ ଆଉ ଭଲ ଲାଗୁନାହିଁ, କାଳେ ଆଉ ନ କହି ପାରିବି ମୋ କଥା ଟିକେ ଶୁଣ....

ତୁମର ମନେ ଅଛି ଆମେ ପରସ୍ପର କିଭଳି କେଉଁଠି ଭେଟିଥିଲେ । ସାମାନ୍ୟ ଆଳାପରୁ କଥା ଯାଇ ପ୍ରେମ ବିବାହରେ ପହଞ୍ଚିଥିଲା । ଯଦିଓ ଏ ନେଇ ଦୁଇ ପରିବାର ରାଜି ନ ଥିଲେ କିନ୍ତୁ ସେମାନଙ୍କ ସହମତ ପରେ ହିଁ ଆମେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ପ୍ରଥମ ସାକ୍ଷାତରେ କିଛି ସମୟ ଆଳାପ ପରେ ଯେତେବେଳେ ଯିବାକୁ ବାହାରିଲ ହଠାତ ଚୁମ୍ବନଟିଏ ମୋ ମଥାରେ ଆଙ୍କି ଦେଇଥିଲ । ଏଥିରେ ଯେ କୌଣସି ଝିଅଟିଏ ବି ନିଶ୍ଚୟ ରାଗିଥାଆନ୍ତା ବା ଅପ୍ରିତିକର ପରିସ୍ଥିତି ଉପୁଜି ଥାଆନ୍ତା କିନ୍ତୁ କାହିଁକି କେଜାଣି ମୁଁ ରାଗିଯିବା ପରିବର୍ତ୍ତେ ହସିଦେଇଥିଲି । କାହିଁକିନା ତୁମର ସେଇ ଚୁମ୍ବନରେ ଏକ ଅତ୍ମୀୟତା ଥିବା ମୁଁ ଅନୁଭବ କରିଥିଲି ଯାହାକୁ ମୁଁ ମୋ ଜୀବନର ଏକ ଶ୍ରେଷ୍ଠ ଉପହାର ବୋଲି ସବୁବେଳେ ଭାବି ଆସିଛି ।

ଏବେ ଆଉ ବେଶୀ କିଛି କହିବାକୁ ମୋ ପାଖରେ ସମୟ ଥିଲାଭଳି ଲାଗୁନାହିଁ । ଡାକ୍ତର ଆସି ଆଉ କଣ କରିବେ । ହଁ ବେଶିରେ ବେଶୀ କିଛି ସମୟ ଏକ ଆଶା ଆଉ ନିରାଶାର କଥା କହିବେ । ମୁଁ ତୁମକୁ ବହୁତ ଭଲପାଏ ଦେବକାନ୍ତ । ମୋର ଶେଷ ଇଚ୍ଛା ତୁମ କୋଳରେ ଟିକେ ମୁଣ୍ଡ ରଖି ଶୋଇବି ଓ ମୋ ହୃଦୟରେ ଧରି ରଖିଥିବା ତୁମର ସେଇ ଶ୍ରେଷ୍ଠ ଉପହାର ଟି ଆଜି ମୋତେ ଦେବ ।

ଦେବକାନ୍ତ ନିଜର ଅଶ୍ରୁକୁ ରୋକି ପାରି ନଥିଲେ । ଲୋତକପୂର୍ଣ୍ଣ ଆଖିରେ ସାବିତ୍ରୀଙ୍କୁ ନିଜ କୋଳରେ ଆଣି ରଖିଲେ । ଧାର ଧାର ଅଶ୍ରୁ ସାବିତ୍ରୀଙ୍କ ମୁଖମଣ୍ଡଳରେ ଅଜାଡି ପଡୁଥାଏ । ସତରେ କଣ ସାବିତ୍ରୀ ତାଙ୍କୁ ଅସହାୟ କରି ଚାଲିଯିବେ । ସାବିତ୍ରୀ କହିଲେ କଣ ହେଲା କାହିଁକି କାନ୍ଦୁଛ । କାନ୍ଦି କାନ୍ଦି କଣ ଉପହାର ଦିଆଯାଏ ।

ଦେବକାନ୍ତ କୋହଗୁଡିକ ଜବରଦସ୍ତ ଚାପି ରଖି ସାବିତ୍ରୀଙ୍କ ମଥାରେ ସ୍ନେହଭରା ଚୁମ୍ବନଟିଏ ଆଙ୍କିଦେଲେ । ଚୁମ୍ବନଟି ଦେଇସାରି ମୁଣ୍ଡ ଉଠାଇବାକୁ ଦେବକାନ୍ତଙ୍କର ସାହାସ ନଥିଲା । ଯେତେବେଳେ ସାବିତ୍ରୀଙ୍କ ମଥାରେ ଉତ୍ତାପ ପରିବର୍ତ୍ତେ ଶିଥିଳତା ଅନୁଭବ କଲେ ଏକ ଅଜଣା ଆଶଙ୍କାରେ ମୁଣ୍ଡ ଉଠାଇ ସାବିତ୍ରୀଙ୍କୁ ଅନାଇଲେ.... ସାବିତ୍ରୀ ଶୋଇଯାଇଥିଲେ ଚିର ନିଦ୍ରାରେ..... ଓ କିଛି ନ ହେଲେ ସାବିତ୍ରୀ ନିଜ ପ୍ରିୟ ମଣିଷ ଠାରୁ ତ ଶ୍ରେଷ୍ଠ ଉପହାର ନେଇ ଚାଲିଗଲେ କିନ୍ତୁ ଦେବକାନ୍ତଙ୍କୁ ଶେଷ ସମୟରେ କିଏ ଦେବ ଶ୍ରେଷ୍ଠ ଉପହାର.... ବିଚାର ଆପଣମାନଙ୍କର ! !

*ସମ୍ପାଦକ, ଶିବାନୀ, ଭଦ୍ରକ*




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ



ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ



ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା



ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା



ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦକ୍ଷିଣ କରିବା ପରେ ବନ୍ତ ଚୂଡ଼ାରେ



ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ। ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା



ହଣ୍ଡିଭଙ୍ଗା ଯାତ। କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ। ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ ।



୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ



ସଭା ଓ ରାତ୍ର ୯ଟାରେ ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ



ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଛ' ଜଣଙ୍କୁ 'ପ୍ରାଣନାଥ ସମ୍ମାନ-୨୦୨୪' ପ୍ରଦାନ

# ପ୍ରାଣନାଥଙ୍କ ଜୀବନ ସେବା ଓ ସଂଗ୍ରାମ ପାଇଁ ସମର୍ପିତ ଥିଲା : ରାଜ୍ୟପାଳ

ଭୁବନେଶ୍ୱର,(ପି.ଏନ): ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ସମଗ୍ର ଜୀବନ ସେବା ଓ ସଂଗ୍ରାମ ପାଇଁ ସମର୍ପିତ ଥିଲା । ସମାଜର ଅଗଣିତ ଗରିବ ଓ ଅବହେଳିତ ଜନସାଧାରଣଙ୍କ ମୁହଁରେ ହସ ଫୁଟାଇବାକୁ ସେ ଆଜୀବନ ପ୍ରୟାସ ଜାରି ରଖିଥିଲେ ବୋଲି ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ପିଢି ତାଙ୍କର ସେବା, ତ୍ୟାଗ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେମାନେ ଆହ୍ୱାନ ଦେଇଛନ୍ତି ।ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ଯୋଦ୍ଧା, ସାମ୍ୟବାଦୀ ଓ କୃଷକ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପୁରୋଧା, ଶିକ୍ଷା ପ୍ରସାରରେ ଅଗ୍ରଣୀ ଶିକ୍ଷାବିତ୍, ସାହିତ୍ୟିକ, ବିଧାୟକ ତଥା ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଜୟଦେବ ଭବନଠାରେ ଅନୁଷ୍ଠିତ ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟପାଳ ଶ୍ରୀ ଦାସ ସ୍ୱାଧୀନତା ସଂଗ୍ରାମରେ ପ୍ରାଣନାଥଙ୍କ ଅନବଦ୍ୟ ଅବଦାନ ସମ୍ପର୍କରେ ଆଲୋଚନା କରି ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ପଟ୍ଟନାୟକଙ୍କୁ ବୈପ୍ଳବିକ ଚେତନାର ଅନ୍ୟତମ ଅଗ୍ରଦୂତ ରୂପେ ବର୍ଣ୍ଣନା କରି ରାଜ୍ୟପାଳ ତାଙ୍କର ଉତ୍ସର୍ଗୀକୃତ ଜନସେବା ଓ ଶିକ୍ଷାର ପ୍ରସାର ପାଇଁ ନିଷ୍ପାପର ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ । ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ୍ ମାଲବ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, 'ଆମ ଓଡ଼ିଶା' ଓ 'ସମ୍ବାଦ'ର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକ ବରେଣ୍ୟ ଅତିଥି ରୂପେ ଯୋଗଦେଇ ପ୍ରାଣନାଥଙ୍କ ବୈପ୍ଳବିକ କର୍ମମୟ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟରେ କୃଷକ ଓ ଶ୍ରମିକମାନଙ୍କୁ ସଂଗଠିତ କରିବା ଏବଂ କଳାହାଣ୍ଡିର ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କ ପାଖରେ ପ୍ରଥମେ ପହଞ୍ଚି ସେମାନଙ୍କୁ ସହାୟତାର ହାତ ବଢ଼ାଇବା କ୍ଷେତ୍ରରେ ପ୍ରାଣନାଥଙ୍କ ଭୂମିକାର ସ୍ମୃତିଚାରଣ କରିଥିଲେ । ସ୍ମୃତି ସମିତିର କାର୍ଯ୍ୟକାରୀ ଅଧ୍ୟକ୍ଷା ତଥା ବିଶିଷ୍ଟ ଲେଖିକା ଡକ୍ଟର ଅର୍ଚ୍ଚନା ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତଥା ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଛ'ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ପ୍ରାଣନାଥ ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ହେଲେ – ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ–ସମାଜସେବୀ ତଥା ଗଣମାଧ୍ୟମ, ନୃସିଂହ ଚରଣ ସାହୁ (ଜହ୍ନୁରୀଭାଇ) –ଶିଶୁ ସାହିତ୍ୟ ଓ ଗବେଷଣା, ପ୍ରଦ୍ୟୁମ୍ନ ଶତପଥୀ– ଭାଷା ସୁରକ୍ଷା ଓ ସାମ୍ବାଦିକତା, ଡ. ଅନସୂୟା ନାଥ– ସଂଗୀତ ଓ ଶିକ୍ଷା, ନୈନା ଦାଶ –ଚଳଚ୍ଚିତ୍ର ଓ ସଂସ୍କୃତି, ସମୀର କୁମାର ରାଉତ– ପଟ୍ଟଚିତ୍ର । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଧନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ । ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଗଝ ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)– ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)–ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)–ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)– ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)– ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# ଅସହାୟର ବନ୍ଧୁ ସାଜିଲା ମା ସୁରଦେଇ ଫ୍ରେଣ୍ଡସ୍ କ୍ଲବ



ଫୁଲବାଣୀ,(ପି.ଏନ): କଳିଙ୍ଗ ଜ୍ୟୋତି(ସୂର୍ଯ୍ୟ ନାରାୟଣ ବେହେରା) ଅସହାୟ ପରିବାରକୁ ସହଯୋଗର ହାତ ବଢାଇଲା ଖଜୁରିପଡା ମାଁ ସୁରାଦେଇ ଫ୍‌ରେଣ୍ଡସ୍ କ୍ଲବ ସ୍ୱ ?ଛାସେବୀ ସଙ୍ଗଠନ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ୍ ଅନ୍ତର୍ଗତ ଦୁତୀ ମେଣ୍ଡି ପଞ୍ଚାୟତ ମଲିକ ସାହିର ଜମ୍ଭେଶ୍ୱର ସେଠୀ(୮୫) ତାଙ୍କର ଏକମାତ୍ର ପୁଅ ଗୋପବନ୍ଧୁ ସେଠୀ ମୃତ୍ୟୁବରଣ କରିବା ପରେ ଜଣେ ବୃଦ୍ଧ ବୟସ୍କ ବ୍ୟକ୍ତି ସେ ଓ ତା'ର ଦୁଇନାତିକୁ ନେଇ କିପରି ବଞ୍ଚିବ ତାହା ନେଇ ସେପ୍ଟେମ୍ବର ମାସ ୩୦ ତାରିଖ ଦିନ ବିଶ୍ୱବାଣୀ ନ୍ୟୁଜ ପେପରେ ଖବର ପ୍ରସାରିତ ହୋଇଥିଲା । ସେହି ଖବର କାଗଜ ଦେଖି ଖଜୁରୀପଡାର ଖୁବ୍ କମ୍ ଦିନରେ ଗଠନ ହୋଇ ଅଞ୍ଚଳର ଲୋକ ମାନଙ୍କ ସୁଖ ଦୁଃଖରେ ସହଯୋଗର ହାତ ବଢାଇ ନିକଟରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସ୍ୱଚ୍ଛତା ଅଭିଯାନ କରି ଜନ ସାଧାରଣ ତଥା ପ୍ରଶାସନର ପ୍ରଶଂସା ଭାଜନ ହୋଇପାରିଥିବା ମାଁ ସୁରାଦେଇ ଫ୍‌ରେଣ୍ଡସ୍ କ୍ଲବ ଆଜି ପହଞ୍ଚି ରାସନ ସାମଗ୍ରୀ ସହ କିଛି ଅର୍ଥରାଶି ପ୍ରଦାନ କରି ସହଯୋଗର ହାତ ବଢାଇଛି । ଏଥିରେ କ୍ଲବର ସଭାପତି ବିମଳ ମଲିକ, ସମ୍ପାଦକ ବୁଦ୍ଧିଆ ଗଣ୍ଡା, ଉପସଭାପତି ସୁଧାଂଶୁ ବେହେରା ସମେତ ହରିଶ୍ଚନ୍ଦ୍ର ବେହେରା, ଜିତେନ୍ଦ୍ର ମଲିକ, ତରଣୀସେନ ମଲିକ, ସୁଶିଲ ବେହେରା,ପ୍ରଦୀପ ଦିଗାଲ , ଅଶୋକ ବେହେରା, ଶାନ୍ତନୁ ପାତ୍ର ପ୍ରମୁଖ ଯୋଗ ଦେଇ ଥିଲେ ।କ୍ଲବର ଏହି ସହଯୋଗର ମହାନତାକୁ ଦେଖି ଅଞ୍ଚଳର ବୁଦ୍ଧି ଜୀବି ମହଲରୁ କ୍ଲବକୁ ପ୍ରଶଂସା କରୁଥିବା ଜଣାପଡିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)– ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି(ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ–ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ–ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)–କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ଯ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ଯ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

**AFFIDAVIT / DECLARATION**

By virtue an Affidavit No. 2518, dtd. 05.10.2024 before Notary Public, Bhadrak I Anand Chandra Das, aged 78 years, S/o- Lt. Jadunath Das of Vill- Nilakanthapur, Po- Bhadrak, Ps-Purunabazar, Dist-Bhadrak, Pin-756100 declared that in my Aadhar card bearing No. 7357 0986 2287 my correct name has been mentioned as ANAND CHANDRA DAS, but in my voter card bearing No. OR/03/019/ 272096 my name has been mentioned as ANANDA DAS instead of ANAND CHANDRA DAS. Anand Chandra Das and Ananda Das is one and same person.

Sd/-
Anand Chandra Das

